ଧରିତ୍ରୀ
DHARITRI
July 17-23, 2022 ₹2/-

# ଛୁଟିଦିନ



ପ୍ରଚ୍ଛଦ ପ୍ରସଙ୍ଗ

୩

# ନିଆରା ମଣିଷ

ସବୁ ମଣିଷ ସମାନ । ହେଲେ କେବେ କାହାର ନିଆରା କର୍ମ ତ କେବେ କୌଣସି ନିଆରା ସଉକ ଜଣେ ବ୍ୟକ୍ତିଙ୍କୁ ଅନ୍ୟମାନଙ୍କଠୁ ଭିନ୍ନ କରିଥାଏ । ଆଉ ଏହି ଭିନ୍ନତା ହିଁ ତାଙ୍କୁ ଦେଇଥାଏ ଏକ ସ୍ୱତନ୍ତ୍ର ପରିଚୟ ...



## ଶୁଭ ଫଳ ପ୍ରଦାନକାରୀ ବାସ୍ତୁଟିପ୍ସ

**ଏମିତି କେତୋଟି ବାସ୍ତୁଟିପ୍ସ ରହିଛି, ଯାହାକୁ ଆପଣାଇ ଘରେ ସୁଖଶାନ୍ତି ବୃଦ୍ଧି କରିହେବ। ତା'ସାଙ୍ଗକୁ ସମ୍ପର୍କରେ ମଧ୍ୟ ନିବିଡ଼ିତା ଅଣାଯାଇପାରିବ। ଯେମିତିକି:**

✲ ସପ୍ତାହରେ ଥରେ ହେଉନା କାହିଁକି ଝୁଣା ଧୂପ ଦେଲେ ଘରେ ସୁଖଶାନ୍ତି ବୃଦ୍ଧି ହୋଇଥାଏ ବୋଲି ବିଶ୍ୱାସ କରାଯାଏ।

✲ କୁହାଯାଏ, ସୋରିଷ ତେଲରେ ଲବଙ୍ଗ ପକାଇ ସେଥିରେ ଦୀପ ଜାଳିଲେ ଘରେ କୁଆଡ଼େ ଶାନ୍ତି ବଢ଼ିଥାଏ।

✲ ସେହିପରି ପ୍ରତି ଗୁରୁବାର ଦିନ ତୁଳସୀ ଗଛରେ କ୍ଷୀର ଢାଳିବା ମଧ୍ୟ ଶୁଭଫଳ ଦେଇଥାଏ।

✲ ଅନ୍ୟପକ୍ଷେ ତାଓ୍ୱାରେ ରୁଟି ସେକିବା ପୂର୍ବରେ ସେଥିରେ କିଛି କ୍ଷୀର ଛିଟିକା ମାରି ତା'ପରେ ରୁଟି ସେକିବା ମଧ୍ୟ ଏକ ଉତ୍ତମ ବାସ୍ତୁଟିପ୍ସ ଅଟେ।

✲ ଆଉ ପ୍ରଥମ ସେକା ଯାଇଥିବା ରୁଟିକୁ ଗୋ-ମାତାକୁ ଖାଇବାକୁ ଦେବା ବି ଶୁଭ ହୋଇଥାଏ।

✲ ଘରର କୌଣସି ସ୍ଥାନରେ ଶୁଖିଯାଇଥିବା ଫୁଲକୁ ରଖିବା ଆଦୌ ଠିକ୍ ନୁହେଁ।



✲ ଆଶୀର୍ବାଦ ଭଙ୍ଗିରେ ଥିବା ସନ୍ଥ ମହାତ୍ମାଙ୍କର ଫଟୋକୁ ଡ୍ରଇଁ ରୁମ୍‌ରେ ଲଗାଇବା ବି ଶୁଭ ହୋଇଥାଏ।

✲ ଚାରିକୋଣିଆ ଫର୍ଣ୍ଣିଚର ତୁଳନାରେ ଗୋଲାକାର ଆକୃତିର ଫର୍ଣ୍ଣିଚର ଘରେ ପକାଇଲେ ଶୁଭଫଳ ମିଳିଥାଏ ବୋଲି ବିଶ୍ୱାସ କରାଯାଏ।

✲ କିନ୍ତୁ ଘରେ ପକାଯାଉଥିବା ଡାଇନିଂ ଟେବୁଲ୍ ଗୋଲାକାର ନ ହୋଇ ଚାରିକୋଣିଆ ହେଲେ ହିଁ ଭଲ।

✲ ଗ୍ଲାସ୍‌ରେ କିଛି ପାଣି ନେଇ ସେଥିରେ ଟିକେ ହଳଦୀ ପକାଇ ଆମ୍ବ ପତ୍ର ହେଉ ଅବା ପାନ ପତ୍ର ସାହାଯ୍ୟରେ ଘରେ ଏହାକୁ ଛିଞ୍ଚିଲେ ନକାରାତ୍ମକ ଶକ୍ତି ଦୂର ହୋଇଯାଏ ବୋଲି ବିଶ୍ୱାସ ରହିଛି।

## ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ
ପ୍ରସନ୍ନ କୁମାର ମହାପାତ୍ର

ଜୁଲାଇ ୧୭-୨୩

**ମେଷ**
କାର୍ଯ୍ୟଦକ୍ଷତା ବୃଦ୍ଧି, ନୂତନ ଯୋଜନାରମ୍ଭ, ସହକର୍ମୀଙ୍କ ସହଯୋଗ, ଅର୍ଥସମ୍ମାନ ପ୍ରାପ୍ତି, ପାରିବାରିକ ଅସନ୍ତୋଷ, ଚଳଚିତ୍ରରେ ପ୍ରତିବନ୍ଧକ, ପରିବହନରେ ଝଗଡ଼ା, ଭୂସମ୍ପତି ଲାଭ, ଶୁଭଖବର ପ୍ରାପ୍ତି।

**ବୃଷ**
ଶାରୀରିକ ସୁସ୍ଥତା, ଅର୍ଥିକ ଅନଟନ, ବନ୍ଧୁଙ୍କ ସାହାଯ୍ୟ, ଘରକାମରେ ଅବହେଳା, ପଦମର୍ଯ୍ୟାଦା ବୃଦ୍ଧି, ନିର୍ମାଣରେ ଦ୍ୱନ୍ଦ୍ୱ, ବସ୍ତ୍ରଭୂଷଣ ପ୍ରାପ୍ତି, , ବୀମାଧନ ପ୍ରାପ୍ତି, ଗବେଷଣାରେ ଅଗ୍ରଗତି, ପାରିବାରିକ ସଦ୍‌ଭାବ ।

**ମିଥୁନ**
ନୂତନ ବନ୍ଧୁତ୍ୱ, ଆତ୍ମୀୟଙ୍କ ସହମତି, କର୍ମକ୍ଷେତ୍ରରେ ଦ୍ୱନ୍ଦ୍ୱ, ପାରିବାରିକ ବିତର୍କ, ପ୍ରିୟଜନଙ୍କ ସାନ୍ନିଧ, ଅର୍ଥପ୍ରାପ୍ତିରେ ବାଧା, ଘର ମରାମତି, ପୁଞ୍ଜିନିବେଶରେ ଲାଭ, ମାଙ୍ଗଳିକ କାମର ପ୍ରସ୍ତୁତି, ମାନସିକ ଅସ୍ଥିରତା ।

**କର୍କଟ**
ଶୁଭଖବର ପ୍ରାପ୍ତି, ଉପରିସ୍ଥଙ୍କ ଅନୁକମ୍ପା, ସମ୍ପର୍କୀୟଙ୍କ ସୌହାର୍ଦ୍ଦ୍ୟ, ଗାଡ଼ିଚାଳନାରୁ ଫାଇନ୍, ଅସହଯୋଗ, ଦୂରଭ୍ରମଣର ସୁଯୋଗ, ଦାମୀଅଳଙ୍କାର କ୍ରୟ, ଜନହିତକର କର୍ମ, ଚଳଚ୍ଚିତ୍ରରେ ସମସ୍ୟା ।

**ସିଂହ**
ଆନୁଷ୍ଠାନିକ କର୍ମ, ବ୍ୟବସାୟିକ ଉତ୍କର୍ଷତା, ସଙ୍ଗୀତ ସାଧନାରେ ରୁଚି, ପାରିବାରିକ ଶାନ୍ତି, ସ୍ଥାନାନ୍ତରର ସୂଚନା, ଅପ୍ରିୟଭାଷଣରୁ କଳହ, ସାମ୍ବାଦିକତାରୁ ଗୌରବ, ନୂତନ ବନ୍ଧୁ ସମ୍ପର୍କ, ଆଇନ ସହାୟତାପ୍ରାପ୍ତି , ସନ୍ତାନଙ୍କ ବିଶୃଙ୍ଖଳା ।

**କନ୍ୟା**
ସ୍ଥଗିତ କର୍ମାରମ୍ଭ, ସାମାଜିକ ସମ୍ମାନ, ପଦମର୍ଯ୍ୟାଦା ବୃଦ୍ଧି, ଏଜେନ୍ସିପ୍ରସାର, ସାଂଗଠନିକ ସଫଳତା, ପ୍ରଶାସନିକ ସମସ୍ୟା, ଆଇନ ସହାୟତାଲାଭ, ପାରିବାରିକ ଶାନ୍ତି, ଆର୍ଥିକ ଉନ୍ନତି, ବିବାଦର ସମାଧାନ ।

**ତୁଳା**
ବନ୍ଧୁଙ୍କ ନିମନ୍ତ୍ରଣ, ଦୂରଯାତ୍ରାର ପ୍ରସ୍ତୁତି, ପାରିବାରିକ କଳହ, ପୁରାତନ ରୋଗପୀଡ଼ା, ଲୋକସମ୍ପର୍କ ହ୍ରାସ, ଆନୁଷ୍ଠାନିକ କର୍ମାରମ୍ଭ, ବନ୍ଧୁଙ୍କ ପ୍ରେରଣା, ମନୋରଞ୍ଜନ କାର୍ଯ୍ୟକ୍ରମ, ଶିକ୍ଷାରେ ସଫଳତା, ଋଣ ପରିଶୋଧ, ବାଣିଜ୍ୟର ଅଭିବୃଦ୍ଧି ।

**ବିଛା**
ଶାରୀରିକ ସୁସ୍ଥତା, ଅର୍ଥନୈତିକ ଅଭିବୃଦ୍ଧି, କର୍ମକ୍ଷେତ୍ରରେ ସମ୍ମାନ, ହିତୈଷୀ ବନ୍ଧୁଙ୍କ ସାହାଯ୍ୟ, ଘରୋଇ କଳହର ସମାଧାନ, କର୍ମଜଞ୍ଜାଳ ବୃଦ୍ଧି, ସ୍ତ୍ରୀଙ୍କ ସନ୍ଦେହଜନକ ଅଭିବ୍ୟକ୍ତି, ତୀର୍ଥାଟନର ସୁଯୋଗ ।

**ଧନୁ**
କାର୍ଯ୍ୟଦକ୍ଷତାରୁ ପ୍ରଶଂସା, ବିଶିଷ୍ଟ ବ୍ୟକ୍ତିଙ୍କ ସଙ୍ଗଲାଭ, ଗୃହ ପରିବର୍ତ୍ତନ, ମୂଲ୍ୟବାନ ଦ୍ରବ୍ୟ ପ୍ରାପ୍ତି, କ୍ରୀଡ଼ା ନୈପୁଣ୍ୟତା, ରାଜନୈତିକ ପୃଷ୍ଠପୋଷକତା, ପ୍ରତିଦ୍ୱନ୍ଦ୍ୱିତାରେ ବିଜୟ, ପିଲାଙ୍କ ସ୍ୱାସ୍ଥ୍ୟହାନି, ଶୁଭ ଖବରପ୍ରାପ୍ତି ।


**ମକର**
ମାନସିକ ଅସ୍ଥିରତା, ପଡ଼ୋଶୀଙ୍କ ଆଶ୍ୱାସନା, କର୍ମକ୍ଷେତ୍ରରେ ପ୍ରୋତ୍ସାହନ, ଜମିଜମା ଚୁକ୍ତିପତ୍ର, ଅର୍ଥ ସଂକଟର ସମାଧାନ, ବନ୍ଧୁଙ୍କ ଆକ୍ଷେପୋକ୍ତି, ନିଷ୍ପତିରେଦ୍ୱନ୍ଦ୍ୱ, ଯାନବାହନରେ ତ୍ରୁଟି, ପାରିବାରିକ ସମର୍ଥନ, ଆରୋଗ୍ୟ ଲାଭ ।

**କୁମ୍ଭ**
ନିୟନ୍ତ୍ରଣାଧୀନ ସ୍ୱାସ୍ଥ୍ୟ, ସ୍ଥଗିତ କର୍ମାରମ୍ଭ, ବାଦବିବାଦରୁ ମନସ୍ତାପ, ଗୁରୁଜନଙ୍କ ପରାମର୍ଶ, ନୂତନ ଯୋଜନାରମ୍ଭ, ସାହିତ୍ୟାନୁରାଗ, ସତ୍ସଙ୍ଗରୁ ଶାନ୍ତି, ସମସ୍ୟାର ସମାଧାନ, ପ୍ରତିଯୋଗୀତାରେ ସଫଳତା ।

**ମୀନ**
ନୂତନ ଯୋଜନାରମ୍ଭ, ବୀମା ଧନପ୍ରାପ୍ତି, ଅଶୌଚ ଖବର, ମାନସିକ ଚାପ, ଭୁଲ୍ ବୁଝାମଣାରୁ କଳହ, ଆତ୍ମୀୟଙ୍କ ଉଦାରତା, ଯୌଥ ବ୍ୟବସାୟରେ ଲାଭ, ପାରିବାରିକ ଶାନ୍ତି, ବିଦେଶ ଯାତ୍ରା, ଧର୍ମକାର୍ଯ୍ୟରେ ବିଘ୍ନ ।

## ସୁଖୀ ଜୀବନର ମନ୍ତ୍ର

ମହାପୁରୁଷମାନଙ୍କ ଦ୍ୱାରା ଏମିତି କିଛି ନୀତିବାଣୀ କୁହାଯାଇଛି, ଯାହାକୁ ମାନିଲେ ଜୀବନରେ ସଫଳତା ମିଳିବା ସହ ଖୁସି ପ୍ରାପ୍ତ ହୋଇଥାଏ ବୋଲି ବିଶ୍ୱାସ କରାଯାଏ। ଯଥା: ✲ ସଫଳତା ଭାଗ୍ୟ ସାମ୍ନାରେ ଭିକ ମାଗିବା ଦ୍ୱାରା ମିଳି ନଥାଏ, ନିଜ ପରିଶ୍ରମ ଦ୍ୱାରା ଏହାକୁ ଛଡ଼େଇ ଆଣିବାକୁ ପଡ଼େ। ✲ ଯଦି ତୁମର ଏକୁଟିଆ ଚାଲିବାର ଶକ୍ତି ଅଛି, ତା'ହେଲେ ଜାଣିନିଅ ଦିନେ ନା ଦିନେ ନିଶ୍ଚୟ ତୁମ ପଛରେ ଭିଡ଼ ଜମାହେବ। ✲ ଯେ ପର୍ଯ୍ୟନ୍ତ ଜୀବନ ଅଛି ସେ ପର୍ଯ୍ୟନ୍ତ ସମସ୍ୟା ଆସିବ। ତେଣୁ ସମସ୍ୟା ଆସିଲେ ଅଧୈର୍ଯ୍ୟ ନ ହୋଇ ଧୈର୍ଯ୍ୟର ସହ ତାହାକୁ ସାମ୍ନା କଲେ ଏଥିରୁ ମୁକ୍ତି ପାଇବାର ବାଟ ଆପେ ଆପେ ଖୋଲିଯାଇଥାଏ। ✲ ସେହିପରି ଯଦି ତୁମକୁ ଉପରକୁ ଉଠିବାକୁ ଇଚ୍ଛା ତା'ହେଲେ ତୁମକୁ ସେହିସବୁ ଜିନିଷ ଛାଡ଼ିବାକୁ ପଡ଼ିବ, ଯାହା ତୁମକୁ ତଳକୁ ଟାଣୁଛି। ✲ ଅନ୍ୟପକ୍ଷେ ନିଜ ପରିଶ୍ରମ ଓ କର୍ମକୁ ଗୋପନୀୟ ରଖିବା ହେଉଛି ସଫଳତାର ସର୍ବଶ୍ରେଷ୍ଠ ଉପାଦାନ।



## ପାଠକୀୟ

✲ ରତ୍ନ ସିଂହାସନରୁ ବଡ଼ଦାଣ୍ଡକୁ ଓହ୍ଲାଇ ଆସନ୍ତି ଦାରୁଦିଅଁ। ଆରମ୍ଭ ହୁଏ ଜଗତମଙ୍ଗଳ ଲୀଳା। ରଥାରୂଢ଼ ହୋଇ ମହାପ୍ରଭୁ କରନ୍ତି ନବଦିନାତ୍ମକ ଯାତ୍ରା, ଉପାସନା ସ୍ଥଳରୁ ଆବିର୍ଭାବ ସ୍ଥଳ। ପୁଣି ଭକ୍ତ-ଭଗବାନଙ୍କ ମହାମିଳନର କ୍ଷେତ୍ର ପାଲଟିଯାଏ ସୁନ୍ଦରାଚଳ। ତେଣୁ ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ବିଷୟକୁ ନେଇ ସ୍ୱତନ୍ତ୍ର ଭାବେ ଉପସ୍ଥାପନା କରାଯାଇଥିବା ଏଥରର ପ୍ରଚ୍ଛଦ ପ୍ରସଙ୍ଗ 'ସୁନ୍ଦରାଚଳ' ଖୁବ୍ ସୁନ୍ଦର ହୋଇଥିଲା। 'କେମିତି କରିବେ ଝାଡୁ', 'ନମସ୍କାରର ମାହାତ୍ମ୍ୟ' ଆଦି ପାଠଦୁଇଟି ବେଶ୍ ଶିକ୍ଷଣୀୟ ଥିଲା। *–ସ୍ୱପ୍ନାମୟୀ ସ୍ୱାଇଁ, ରାଣୀହାଟ, କଟକ*

✲ ମହାପ୍ରଭୁଙ୍କର ନବଦିନାତ୍ମକ ଯାତ୍ରା, ଯାହା ରଥଯାତ୍ରା ଭାବେ ବିଶ୍ୱରେ ଖ୍ୟାତ। ଏହି ରଥଯାତ୍ରା ଏବଂ ଏହାକୁ ଆଧାର କରି ରହିଥିବା କିଛିଟା ବୈଚିତ୍ର୍ୟ ସମ୍ପର୍କରେ ଏଥରର ଛୁଟିଦିନ ପ୍ରଚ୍ଛଦ ପ୍ରସଙ୍ଗ 'ସୁନ୍ଦରାଚଳ'ରୁ ବହୁ ଅଜଣା କଥା ଜାଣିବାକୁ ମିଳବାରୁ ଖୁସି ଲାଗିଲା। ସେହିପରି ସେଲିବ୍ରିଟି ସିକ୍ରେଟ୍ ପୃଷ୍ଠାରୁ ସଙ୍ଗୀତ ଜଗତର ଆଗଧାଡ଼ିର ଗାୟିକା ଦିପ୍ତୀରେଖା ପାଢୀଙ୍କ ଜୀବନି ବିଷୟରେ ବହୁ ଅକୁହା କଥା ଜାଣିବାକୁ ମିଳିଲା। ସୃଜନ ପୃଷ୍ଠା ବି ବେଶ୍ ମନଛୁଆଁ ହୋଇପାରିଥିଲା।

*–ସୁକାନ୍ତ ମହାନ୍ତି, ପିକେଆର୍‌ଟି କଲୋନୀ, ପୁରୀ*

✲ ପଟଚିତ୍ର ଶିଳ୍ପୀ ରଶ୍ମୀରଞ୍ଜନ ମହାପାତ୍ରଙ୍କ ବିଷୟ ବଢି ଅନେକ ପ୍ରେରଣା ମିଳିଲା। ସେହିପରି 'କାଙ୍କଣକୁନ୍ଦର କାଙ୍କଣ' ବିଷୟରେ ପଢି ବେଶ୍ ମଜା ଲାଗିଲା। ସିନେମା ପୃଷ୍ଠାଟି ଖୁବ୍ ଆକର୍ଷଣୀୟ ଲାଗୁଥିଲା। ଖାସ୍‌କରି ଏଥିରେ ସ୍ଥାନିତ 'କଥା ରଖିଲେ କ୍ରିତି', 'ଶ୍ରୀତମଙ୍କ ଖୁସି' ଆଦି ପାଠଗୁଡ଼ିକର ଉପସ୍ଥାପନା ଶୈଳୀ ଉଚ୍ଚକୋଟୀର ଥିଲା। ସ୍ୱାସ୍ଥ୍ୟ ବିଭାଗରେ କାର୍ଯ୍ୟରତ ଯୁବ ବିଜ୍ଞାନୀ ତଥା ବିଜ୍ଞାନ ସଂଚାରକ, ପରିବେଶବିତ୍ ଓ ଲେଖର ବିରାଟ ରାଜା ପଧାନଙ୍କ ପ୍ରଥମ ରୋଜଗାରର ଅନୁଭୂତିଟି ବେଶ୍ ମାର୍ଜିତ ଥିଲା।

*–ବେଣୁଧର ପାଇକରାୟ, ଝାରସୁଗୁଡ଼ା*

✲ ମଡେଲ୍ ମିରର୍‌ରେ ରେଶ୍‌ମା ବେଶ୍ ସୁନ୍ଦରୀ ଲାଗୁଥିଲେ। ହାଃ ହାଃ ବି ଭାରୀ ମଜାଦାର୍ ଥିଲା। ସେହିପରି ସହର ପୃଷ୍ଠାରୁ 'ଶାସଙ୍ଗ ଜଗନ୍ନାଥ ମନ୍ଦିର' ସମ୍ପର୍କରେ ବହୁ ଅଜଣା କଥା ଜାଣିବାକୁ ମିଳିବାରୁ ଖୁସି ଲାଗିଲା। ବିବିଧା ପୃଷ୍ଠାରୁ '୬୫ ଲକ୍ଷର ପାଣି ବୋତଲ' ଏବଂ ବ୍ୟାକ୍‌ପେଜ୍ ପୃଷ୍ଠାରୁ 'କାଜୁ ଭଳି ଅଣ୍ଡା', 'ଦାମୀ ଡଗ୍ ହାଉସ୍' ଏବଂ 'କଙ୍କି ନୁହେଁ ଇଏ ପେଣ୍ଡେଣ୍ଟ' ଆଦି ପାଠଗୁଡ଼ିକୁ ପଢି ଭାରୀ ମଜା ଲାଗିଲା।

*–ବାଇଧର ତ୍ରିପାଠୀ, ସୁନ୍ଦରଗଡ଼*

✲ ଏଥରର ବ୍ୟଙ୍ଗ 'ଚିକିତ୍ସା ସୂତ୍ର' ଭାରୀ ବଢିଆ ଥିଲା। ସେହିପରି ହୋଟେଲ ମ୍ୟାନେଜ୍‌ମେଣ୍ଟ ସଫଳତାର କାହାଣୀ ଭାଗ-୨ ପାଠଟି ବି ଏକ ନିଆରା ଆଲେଖ୍ୟ ଥିଲା। ସାଥୀର ଉତ୍ତରଗୁଡ଼ିକ ବି ଭାରୀ ରୋମାଣ୍ଟିକ୍ ଲାଗୁଥିଲା।

*–ସୁନିତା ଦାଶ, ସିଆର୍‌ପି ଛକ, ଭୁବନେଶ୍ୱର*

### ବିଶେଷ ଚିଠି



ଛୁଟିଦିନ ମୋର କେଡ଼େ ବଢ଼ିଆ
ଲେଖାସବୁ ଏହାର କରେ କିମିଆ।
ଭାରୀ ସ୍ୱତନ୍ତ୍ର ଏହାର ପ୍ରଚ୍ଛଦ
ତା'ସାଙ୍ଗକୁ ପୁଣି ସୃଜନ ଓ ବ୍ୟକ୍ତିତ୍ୱ।
ସାଥୀର ଉତ୍ତର କରେ ରୋମାଞ୍ଚିତ
କରିନିଏ ସିଏ ସଭିଙ୍କୁ ବଶିଭୂତ।
ସତରେ ଛୁଟିଦିନ ତୁମର କଳନା ନାହିଁ
ସଭିଙ୍କୁ ଏହିପରି ନେଉଥାଅ ଭୁଲାଇ।

*–ଦୈତାରୀ ମିଶ୍ର, ଚନ୍ଦନପୁର, ପୁରୀ*

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା
ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com

ସବୁ ମଣିଷ ସମାନ । ହେଲେ କେବେ କାହାର ନିଆରା କର୍ମ ତ କେବେ କୌଣସି ନିଆରା ସଉକ ଜଣେ ବ୍ୟକ୍ତିଙ୍କୁ ଅନ୍ୟମାନଙ୍କଠୁ ଭିନ୍ନ କରିଥାଏ । ଆଉ ଏହି ଭିନ୍ନତା ହିଁ ତାଙ୍କୁ ଦେଇଥାଏ ଏକ ସ୍ୱତନ୍ତ୍ର ପରିଚୟ ...





# ନିଆରା ମଣିଷ

## ଅଦରକାରୀ ଜିନିଷରେ ପଟଚିତ୍ର

ଭାଗ୍ୟଶ୍ରୀ ସାହୁ। ଘର ରାଉରକେଲା। ତାଙ୍କ ଆଖିରେ କୌଣସି ଜିନିଷ ଅଦରକାରୀ ନୁହେଁ। ସେ ପ୍ରତିଟି ଅଦରକାରୀ ଜିନିଷକୁ ସୁନ୍ଦର ପଟଚିତ୍ର କଳାରେ ରୂପାନ୍ତରିତ କରିଦେଇପାରନ୍ତି। ଆଉ ଏଇ ନିଶା ପାଇଁ ଏବେ ସେ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସ୍‌ରେ ସ୍ଥାନ ବି ପାଇଛନ୍ତି। ସେ କୁହନ୍ତି, '୨୦୧୯, ଢେଙ୍କାନାଳ, ସରାଙ୍ଗରେ ଏମ୍‌ଟେକ୍ ପଢ଼ିବାବେଳେ ସେଠାରେ ପ୍ରବାହିତ ବ୍ରାହ୍ମଣୀ ନଦୀକୂଳରୁ ମୁଁ ସୁନ୍ଦର ସୁନ୍ଦର ମସୃଣ ପଥର ସଂଗ୍ରହ କରୁଥିଲି। ଆଉ ଅବସର ସମୟରେ ତା' ଉପରେ ବିଭିନ୍ନ ପ୍ରକାରର ଚିତ୍ର କରିବା ଆରମ୍ଭ କରିଥିଲି। ସେସବୁ ମୁଁ ସଉକରେ କରୁଥିଲି। ହେଲେ ଲକ୍‌ଡାଉନ୍ ବେଳେ ନିଜ ସହର ରାଉରକେଲାକୁ ଚାଲି ଆସିବା ପରେ ଘରେ ବସି ବସି ମୋର ସମୟ କଟୁ ନ ଥିଲା। ଏଣେ ସରାଙ୍ଗରେ ମିଳୁଥିବା ପଥର ରାଉରକେଲାରେ ମିଳିଲା ନାହିଁ। ତେଣୁ ଘରେ ଅଦରକାରୀଭାବେ ପଡି ରହିଥିବା ଜିନଷରେ ପଟଚିତ୍ର କରିବା ଆରମ୍ଭ କଲି। ମୁଁ ପଟଚିତ୍ର କଳା ଶିଖିନି ହେଲେ ଛୋଟବେଳୁ ଚିତ୍ର କରିବାର ଆଗ୍ରହ ଥିବାରୁ ବିଭିନ୍ନ ପଟଚିତ୍ର ଦେଖି ଏହା ଉପରେ କିଛି ଧାରଣା ଆସିଯାଇଥିଲା। ତେଣୁ ଘରର ଅଦରକାରୀ ଜିନିଷ ଉପରେ ପଟଚିତ୍ର କରି ତାକୁ ନୂଆ ରୂପ ଦେବାକୁ ଚେଷ୍ଟା କଲି। ବିଶେଷ କରି ଶ୍ରୀଜଗନ୍ନାଥଙ୍କ ପଟଚିତ୍ର ମୁଁ କରିଥାଏ। ଫ୍ୟୁଜ୍ ହୋଇଯାଇଥିବା ବଲ୍‌ବ, ପୁରୁଣା ଲ୍ୟାମ୍ପ, ମୋବାଇଲ କଭର୍, କାଠର ମାଳି, ଫାଇବର ପ୍ଲେଟ୍, ପ୍ଲାଏ, କାଚ ବୋତଲ, ବୋତଲ ଠିପି, ଛୋଟ ଶଙ୍ଖ, ଶୁଖିଲା ପତ୍ର, ତୁଳସୀ ପତ୍ର ଆଦିରେ ମୁଁ ଜଗନ୍ନାଥଙ୍କ ପଟଚିତ୍ର କରିଛି। ଲକ୍‌ଡାଉନ୍‌ବେଳେ ଏଭଳି ପଟଚିତ୍ର କରି ମୁଁ ମୋ ଇନ୍‌ଷ୍ଟାଗ୍ରାମ ଆକାଉଣ୍ଟରେ ତା'ର ଫଟୋ ଶେୟାର୍ ବି କରୁଥିଲି। ଲୋକେ ଏହାକୁ ଦେଖି କିଣିବାକୁ ଆଗ୍ରହ ପ୍ରକାଶ କଲେ। ଆଉ ମୋ ଆର୍ଟର ବିକ୍ରି ଆରମ୍ଭ ହେଲା। ଖାସ୍‌କରି ପେବଲ୍‌ସ ଉପରେ କରୁଥିବା ପଟଚିତ୍ରର ଅଧିକ ଚାହିଦା ରହିଛି। ଲକ୍‌ଡାଉନ୍ ସମୟକୁ ସଦୁପଯୋଗ କରିବା ସହ ସୋସିଆଲ ମିଡିଆରେ ମୋ କଳା ସାହାଯ୍ୟରେ ଓଡ଼ିଶାର ପଟଚିତ୍ର କଳା ଓ ଜଗନ୍ନାଥ ସଂସ୍କୃତିକୁ ପ୍ରଚାର କରୁଥିବାରୁ ୨୦୨୧, ଜାନୁୟାରୀ ୩୧ 'ମନ୍ କି ବାତ୍'ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମୋତେ ବହୁତ ପ୍ରଶଂସା କରିଥିଲେ। ଏହାପରେ ମୋର ଆଗ୍ରହ ଆହୁରି ବଢ଼ିଯାଇଥିଲା। ଆଉ ଯାହା ଜିନିଷ ମିଳିଲା ସେଥିରେ ମୁଁ ପଟଚିତ୍ର କରିଚାଲିଲି। ବିବାହ ପରେ ବି ମୁଁ ମୋ କାମ ଜାରି ରଖିଛି। ନିକଟରେ ୦.୫ ମି.ମି. କାଠର ମାଳି ଉପରେ କରିଥିବା ଜଗନ୍ନାଥ ପଟଚିତ୍ର ବହୁତ ଚର୍ଚ୍ଚିତ ହୋଇଥିଲା। ତା'ସହ ଚଳିତ ବର୍ଷ ୨ ଜୁନ୍‌ରେ ମାକ୍ସିମମ୍ ମିଡିୟମ୍ ତଥା ସର୍ବାଧିକ ମାଧ୍ୟମ(୩୫ଟି) ବ୍ୟବହାର କରି ପଟଚିତ୍ର କରିଥିବାରୁ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସ୍‌ରେ ବି ସ୍ଥାନ ପାଇଛି।'



ଭାଗ୍ୟଶ୍ରୀ ସାହୁ

## ୩୭ ବର୍ଷ ଧରି ସଂସ୍କୃତରେ କଥା ହେଉଛନ୍ତି ସଂସ୍କୃତ ମଣିଷ

ସଂସ୍କୃତ, ଭାରତର ଏକ ବହୁ ପୁରାତନ ଭାଷା। ଏହା ଦେବନାଗରୀ ଭାଷାଭାବେ ମଧ୍ୟ ପରିଚିତ। ଏହାକୁ ବୁଝିବା କି କହିବା ଏତେଟା ସହଜ ନୁହେଁ। ହେଲେ ଏମିତି ଜଣେ ବ୍ୟକ୍ତି ଅଛନ୍ତି ଯିଏକି ସବୁସମୟରେ, ସବୁ ସ୍ଥାନରେ ଓ ସବୁ ପରିସ୍ଥିତିରେ କେବଳ ସଂସ୍କୃତ ହିଁ କହିଥାନ୍ତି। ଆଉ ଦୀର୍ଘ ୩୭ ବର୍ଷ ହେବ ସେ ଏମିତି ସଂସ୍କୃତ କହି ଆସୁଛନ୍ତି। ସଂସ୍କୃତ କହିବାକୁ ଜୀବନର ବ୍ରତ କରିଥିବା ଏହି ନିଆରା ମଣିଷ ଜଣକ ହେଉଛନ୍ତି ଡ. ପ୍ରକାଶ ଚନ୍ଦ୍ର ମିଶ୍ର। ଘର ବାଗିଶ୍ୱରପୁର, ପିପିଲି, ପୁରୀରେ। ନିଜ ଗାଁ ସହ ଆଖପାଖ ଅଞ୍ଚଳରେ ସେ ସଂସ୍କୃତ ମଣିଷ ଭାବେ ପରିଚିତ। ସଂସ୍କୃତ ତାଙ୍କୁ ଭିନ୍ନ ପରିଚୟ ଦେବା ସହ ସମ୍ମାନ ବି ଦେଇଛି। ସେ କୁହନ୍ତି,' ଅଷ୍ଟମ ଶ୍ରେଣୀରୁ ସଂସ୍କୃତ ପ୍ରତି ମୋର ଭଲ ପାଇବା ଆରମ୍ଭ ହୋଇଥିଲା। ଏଥିପାଇଁ କେହି ମୋତେ ପ୍ରେରଣା ଦେଇ ନ ଥିଲେ। ସଂସ୍କୃତ ପ୍ରତି ମୋର ଭଲ ପାଇବା ସ୍ୱତଃ ଜାଗ୍ରତ ହୋଇଥିଲା। ତେବେ ଦଶମ ଶ୍ରେଣୀ ପରେ ୧୯୮୪ ମସିହାରେ ନୟାଗଡର ଶରଣକୁଳର ମୋର ବନ୍ଧୁ ନରେଶ ଚନ୍ଦ୍ର ସାମନ୍ତରାୟ ମୋ ମନରେ ଥିବା ସଂସ୍କୃତ ଭାଷା ପ୍ରତି ଆଗ୍ରହ ଦେଖି ମୋତେ ପୁରୀର ଶ୍ରୀଜଗନ୍ନାଥ ବେଦକର୍ମକାଣ୍ଡ ମହାବିଦ୍ୟାଳୟରେ ନାମ ଲେଖାଇବାରେ ସାହାଯ୍ୟ କରିଥିଲେ। ଫଳରେ ସଂସ୍କୃତ ଭାଷାରେ ଅଧିକ ଜ୍ଞାନ ଆହରଣ କରିପାରିଲି। ଏହାପରେ ୧୯୮୫ରେ ଲୋକଭାଷା ପ୍ରଚାର ସମିତିର ସଂସ୍କୃତ ସମ୍ଭାଷଣ ଶିବିରରେ ପ୍ରବେଶ କରି ସଂସ୍କୃତ ଭାଷାରେ ଅଳ୍ପ ଅଳ୍ପ କଥାବାର୍ତ୍ତା ଆରମ୍ଭ କଲି। ତେବେ ୧୯୮୭ ମସିହାରୁ ମୁଁ କ୍ରମାଗତଭାବେ ସବୁସମୟରେ ସଂସ୍କୃତରେ କହିବା ଆରମ୍ଭ କଲି। ଏହାପରେ ୧୯୮୮ ମସିହାରେ ଦିଲ୍ଲୀ ମହର୍ଷି ନଗରସ୍ଥ ମହର୍ଷି ବେଦବ୍ୟାସ ଗୁରୁକୁଳ ବିଦ୍ୟାପୀଠରେ →





ଶିକ୍ଷାଦାନ କରିବା ଆରମ୍ଭ କଲି। ପରେ ଗୁରୁକୁଳ ସଂସ୍କୃତ ମହାବିଦ୍ୟାଳୟ ଚକାପାଦ, ଫୁଲବାଣୀରେ ଧର୍ମଶାସ୍ତ୍ର ଅଧ୍ୟାପକଭାବେ ନିଯୁକ୍ତି ପାଇ ସେଠାରେ ସଂସ୍କୃତ ଶିକ୍ଷାଦାନ କରିଥିଲି। ତା'ସହ ଶଙ୍କରାଚାର୍ଯ୍ୟ ସଂସ୍କୃତ କନ୍ୟାଶ୍ରମ, ଜଲେଶପଟାରେ ବି ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ନିର୍ଦ୍ଦେଶକ୍ରମେ ଶିକ୍ଷାଦାନ କରିଛି। ଏହାବାଦ ରାଜସ୍ଥାନ, ବିହାର, କୋଲକାତା, ବାଲେଶ୍ୱର, ଭଦ୍ରକ, ପୁରୀ, ଗ୍ରାମାଞ୍ଚଳ ଆଦି ସ୍ଥାନରେ ଆୟୋଜିତ ବିଭିନ୍ନ ସଂସ୍କୃତ ପ୍ରଶିକ୍ଷଣ ଶିବିରରେ ଯୋଗ ଦେଇ ସଂସ୍କୃତ ଭାଷା ଶିକ୍ଷା ଦେଇଛି। ତା'ସହ ବିଦ୍ୟାଳୟ, ମହାବିଦ୍ୟାଳୟ ଛାତ୍ରୀ ଛାତ୍ରଙ୍କୁ ସଂସ୍କୃତ ଶିକ୍ଷାଦାନ କରିବା ସହ ଯୁବ ସଂଗଠନ ଓ କଣାସ, ଡେଲାଙ୍ଗ ପରି କିଛି ଗ୍ରାମରେ ବି ଆଗ୍ରହୀ ବ୍ୟକ୍ତିଙ୍କୁ ସନ୍ଧ୍ୟାକାଳୀନ ସଂସ୍କୃତ ଶିକ୍ଷା ପ୍ରଦାନ କରିଥାଏ। ବୟସ, ଜାତିଧର୍ମ ନିର୍ବିଶେଷରେ ସମସ୍ତଙ୍କୁ ମୁଁ ଶିକ୍ଷାଦାନ କରେ। ମୁଁ ବେଶ୍ ସରଳ ସଂସ୍କୃତରେ କଥା ହୋଇଥାଏ। ତେଣୁ ଲୋକଙ୍କର ବୁଝିବାରେ ବିଶେଷ ଅସୁବିଧା ହୁଏ ନାହିଁ। ତଥାପି ଯଦି କେହି ବୁଝି ନ ପାରନ୍ତି ମୁଁ ତାଙ୍କୁ ବାରମ୍ବାର ସରଳ ସଂସ୍କୃତ କହି ବୁଝାଇବାକୁ ଚେଷ୍ଟା କରେ। ହେଲେ ଅନ୍ୟ ଭାଷାରେ କଥା ହୁଏ ନାହିଁ। ମୋ ପରିବାରରେ ବି କେବେ ଭାଷାଗତ ସମସ୍ୟା ହୋଇନାହିଁ। ମୋ ସ୍ତ୍ରୀ ସଂସ୍କୃତରେ ଏମ୍ଏ କରିଛନ୍ତି। ଆଉ ବିବାହ ପୂର୍ବରୁ ସେ ଜାଣିଥିଲେ ଯେ, ମୁଁ ସଂସ୍କୃତରେ କଥା ହୁଏ। ତେଣୁ ଆମ ଭିତରେ ବୁଝାମଣାରେ କେବେ ଅସୁବିଧା ହୋଇନି। ଆଉ ପିଲାମାନେ ଛୋଟବେଳୁ ସଂସ୍କୃତରେ କହିବା ଶୁଣି ଆସିଛନ୍ତି। ତା'ଛଡା ପିଲାମାନେ ବି ସଂସ୍କୃତ ଶିକ୍ଷା ଗ୍ରହଣ କରିଛନ୍ତି। ତେଣୁ କେବେ ଅସୁବିଧା ହୋଇନି। ଅନେକେ ମୋତେ ପ୍ରଶ୍ନ କରନ୍ତି ଆପଣଙ୍କ ଗୁରୁ ତ ସଂସ୍କୃତ ବ୍ୟତୀତ ଆବଶ୍ୟକସ୍ଥଳେ ଅନ୍ୟ ଭାଷାରେ ବି କଥା ହୁଅନ୍ତି ହେଲେ ଆପଣ କାହିଁକି ସବୁ ସମୟରେ ସବୁ ପରିସ୍ଥିତିରେ ସଂସ୍କୃତ କୁହନ୍ତି? ଏହାର ଉତ୍ତରରେ ମୁଁ କହେ, ସଂସ୍କୃତ ଭାଷା କହିବା ଓ ତା'ର ପ୍ରଚାର ପ୍ରସାର କରିବା ପାଇଁ ମୁଁ ସଂକଳ୍ପବଦ୍ଧ। ଆଉ ଏହି ସଂକଳ୍ପକୁ ମୁଁ ବେଶ୍ ଦୃଢ଼ତାର ସହ ରକ୍ଷା କରିଆସୁଛି। ତା'ଛଡା ମୋ କହିବାଶୈଳୀ ଅନ୍ୟମାନେ ବେଶ୍ ଭଲଭାବେ ବୁଝିପାରନ୍ତି। ତେଣୁ ସଂସ୍କୃତରେ କହିବା ଛାଡିବି ବା କାହିଁକି। ଏହାବାଦ୍ ମୁଁ ସଂସ୍କୃତରେ ଅନେକ ପୁସ୍ତକ ବି ରଚନା କରିଛି। କେନ୍ଦ୍ର ସରକାରଙ୍କ ଦ୍ୱାରା ଅନୁମୋଦିତ ଓ ପ୍ରକାଶିତ ମୋର ଏକ ଗବେଷଣାତ୍ମକ ସଂସ୍କୃତ ପୁସ୍ତକ ଯାହାର ନାମ 'ଦାୟଭାଗେ ଉତ୍ତରାଧିକାରକ୍ରମଃ' ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ଧର୍ମଶାସ୍ତ୍ର ବିଭାଗର ଛାତ୍ରୀଛାତ୍ର ପଢୁଛନ୍ତି। ତା'ସହ ଏହି ପୁସ୍ତକ ନ୍ୟାୟାଳୟରେ ବି ଆବଶ୍ୟକ ହୋଇଥାଏ। ଏହାସହ 'ସମୟ ପ୍ରକାଶଃ', 'ଧର୍ମଶାସ୍ତ୍ରସ୍ୟ ସଂକ୍ଷିପ୍ତ ପରିଚୟଃ', 'ଶ୍ରାଦ୍ଧ ବିମର୍ଶଃ', 'ଗୀତଂ ଶ୍ରୀଜଗନ୍ନାଥସ୍ୟ' ଭଳି ୯ଟି ସଂସ୍କୃତ ପୁସ୍ତକ ମୋର ପ୍ରକାଶ ପାଇଛି। ସଂସ୍କୃତରେ ନାଟକ ବି ଲେଖିଛି। 'ପରଶୁରାମ ବିଜୟଃ' ନାମକ ସଂସ୍କୃତ ନାଟକ ୨୦୧୭, ରବୀନ୍ଦ୍ର ମଣ୍ଡପରେ ଅଭିନେତା ଅଜିତ ଦାସଙ୍କ ନିର୍ଦ୍ଦେଶନାରେ ମଞ୍ଚସ୍ଥ ହୋଇଥିଲା। ଏଥିରେ ଅଭିନୟ କରୁଥିବା ଅଜିତ ଦାସଙ୍କ ନାଟ୍ୟ ସଂସ୍ଥାର ଛାତ୍ରଙ୍କୁ ମୁଁ ୧୦ ଦିନ ପର୍ଯ୍ୟନ୍ତ ନାଟକ ଶିକ୍ଷା ସହ ସଂସ୍କୃତ ଭାଷା ଶିକ୍ଷା ଦେଇଥିଲି। ପରେ ୨୦୧୮, ଦିଲ୍ଲୀରେ ବି ଏହି ନାଟକ ମଞ୍ଚସ୍ଥ ହୋଇଥିଲା। ସଂସ୍କୃତ ମୋ ଜୀବନ। ଆଉ ମୁଁ ଯଦି କିଛି ଲୋକଙ୍କୁ ସଂସ୍କୃତ ଭାଷା ପ୍ରତି ଆଗ୍ରହ ସୃଷ୍ଟି କରିପାରିଲି ତେବେ ମୋର ଲକ୍ଷ୍ୟ କିଛିଟା ପୂରଣ ହେଲା ବୋଲି ଭାବେ। ଏବେ ଆମ ଗ୍ରାମରେ କିଛି ଲୋକ ମୋ ପରି ସଂସ୍କୃତ କହିବାକୁ ପ୍ରୟାସ କରୁଛନ୍ତି। ଆଉ ମୋ ସହ ସଂସ୍କୃତରେ କଥା ହେଉଛନ୍ତି। ତା'ଛଡା ଢେଙ୍କାନାଳର ନୀରଦ ଚନ୍ଦ୍ର ଆର୍ଯ୍ୟ ଓ କଲିକତା ମେଦିନିପୁରରେ ଶିକ୍ଷାଦାନ କରୁଥିବା ମୋର ଜଣେ ଛାତ୍ର ସରୋଜ କୁମାର ମୁଣ୍ଡ ମୋଠାରୁ ପ୍ରେରଣା ପାଇ ସଂସ୍କୃତରେ କଥାବାର୍ତ୍ତା ହେଉଛନ୍ତି। ତା'ସହ ସଂସ୍କୃତ ଭାଷାର ପ୍ରଚାର ପ୍ରସାର ପାଇଁ ପ୍ରୟାସ ବି କରୁଛନ୍ତି, ଯାହା ମୋତେ ଆତ୍ମସନ୍ତୋଷ ପ୍ରଦାନ କରିଥାଏ। ସଂସ୍କୃତରେ କଥା ହେଉଥିବାରୁ ଅନେକେ ମୋତେ ସ୍ୱତନ୍ତ୍ର ମଣନ୍ତି। ଆଉ ମୋ ସହ ସମ୍ପର୍କରେ ବି ରୁହନ୍ତି। ସଂସ୍କୃତ ଭାଷା ମୋତେ ଭିନ୍ନ ପରିଚୟ ଦେବା ସହ ସମ୍ମାନ ବି ଦେଇଛି। କେହି କେହି କୁହନ୍ତି ଓଡ଼ିଆରେ କଥା ହେଉଥିଲେ ସେମାନେ ମୋ ସହ ଅଧିକ କଥାହୋଇ ପାରିଥାନ୍ତେ। ହେଲେ ମୁଁ କହେ ସଂସ୍କୃତ କହିବା ଦ୍ୱାରା ମୋର ବାକ୍ ସଂଯମତା ରହୁଛି। ଅନାବଶ୍ୟକ ଓ ଅଧିକ କଥା ହୋଇ କାହା ମନରେ କେବେ ଦୁଃଖ ବି ଦେଇ ନ ଥାଏ। ତେଣୁ ସଂସ୍କୃତକୁ ମୁଁ କେବେବି ଛାଡି ପାରିବି ନାହିଁ। ଏବେ ମୁଁ ବିଭିନ୍ନ ସଂସ୍କୃତ ସମ୍ଭାଷଣ କାର୍ଯ୍ୟକ୍ରମରେ ଯୋଗ ଦେବା, ଛାତ୍ରୀଛାତ୍ରଙ୍କୁ ପାଠପଢ଼ାରେ ସାହାଯ୍ୟ କରିବା, ସେମାନଙ୍କୁ ମାର୍ଗ ଦର୍ଶନ କରିବା, ଚାଷବାସ କରିବା ସହ ହୋମ, ଯଜ୍ଞ, ଚଣ୍ଡୀପାଠ, ରୁଦ୍ରାଭିଷେକ, ବାସ୍ତୁପୂଜା, ଗୃହ ପ୍ରତିଷ୍ଠା ଭଳି ପୂଜାପାଠ କରିବାରେ ସମୟ ଅତିବାହିତ କରୁଛି।



ପ୍ରକାଶ ଚନ୍ଦ୍ର ମିଶ୍ର


## ସରିତାଙ୍କ ମାଟିପାତ୍ରର ଦୁନିଆ

ଦିନ ଥିଲା ରୋଷେଇ କେବଳ ମାଟିପାତ୍ରରେ ହେଉଥିଲା। ହେଲେ ବିଭିନ୍ନ ପ୍ରକାର ଧାତୁର ବାସନକୁସନ ଆସିବା ପରେ ମାଟିପାତ୍ରର ଚାହିଦା ଧୀରେ ଧୀରେ କମିବାକୁ ଲାଗିଲା। କୁମ୍ଭାରମାନେ ନିଜର କୁଳବେଉସା ହରାଇବାକୁ ଲାଗିଲେ। ମାଟିପାତ୍ରରେ ପ୍ରସ୍ତୁତ ସେଇ ସୁଆଦିଆ ଓ ସ୍ୱାସ୍ଥ୍ୟପ୍ରଦ ଖାଦ୍ୟ ଏବେ ସାତ ସପନ ହୋଇଗଲାଣି। ହେଲେ ମାଟିପାତ୍ରର ମହତ୍ତ୍ୱ ଯେ କେତେ ତାକୁ ବୁଝିପାରିଛନ୍ତି ବ୍ରହ୍ମପୁର ସହରର ଉତ୍କଳ ଆଶ୍ରମ ରୋଡ ନିବାସୀ ସରିତା ପଣ୍ଡା। ବୟସ ତାଙ୍କୁ ୫୨ ବର୍ଷ। ଆଜକୁ ଦୀର୍ଘ ୮ ବର୍ଷ ଧରି ସେ ମାଟି ହାଣ୍ଡିରେ ରୋଷେଇ କରୁଛନ୍ତି। ମାଟିହାଣ୍ଡିର ସ୍ୱାଦିଷ୍ଟ ଓ ସ୍ୱାସ୍ଥ୍ୟକର ଖାଦ୍ୟକୁ ସେ ପରିବାର ଲୋକଙ୍କୁ ଖୁଆଇବା ସହ ଅନ୍ୟକୁ ମଧ୍ୟ ଖୁଆଇଥାନ୍ତି। ଆଉ ତା'ର ଉପକାରିତା ସମ୍ପର୍କରେ ମଧ୍ୟ ଜଣାଇଥାନ୍ତି। ତାଙ୍କ ଘରେ ମାଟି ପାତ୍ରର ସମ୍ଭାର ଦେଖିବାକୁ ମିଳେ। ମାଟିର ହାଣ୍ଡିଠାରୁ ଆରମ୍ଭ କରି ଗିନା, ପ୍ଲେଟ୍, ତାୱା, ଥାଳି, ଚୁଲି, ମାଟିର ଫିଲ୍ଟର ଆଦି ସେ ବ୍ୟବହାର କରନ୍ତି। ସରିତା କୁହନ୍ତି, 'ମୋ ମା, ଜେଜେମା'ଙ୍କ ସମୟରେ ମାଟିହାଣ୍ଡିରେ ରନ୍ଧା ଯାଉଥିଲା। କିନ୍ତୁ ଆଜିର ଦିନରେ ମାଟିହାଣ୍ଡିରେ ରନ୍ଧା ଲୋପ ପାଇବାକୁ ବସିଥିବାରୁ କୁମ୍ଭକାରମାନେ ମଧ୍ୟ ସେମାନଙ୍କର କୌଳିକ ବୃତ୍ତି ହରାଇବାକୁ ବସିଲେଣି। ସେମାନଙ୍କର କେମିତି ପୁନଃ ଥଇଥାନ ହେଇପାରିବ ସେଇ ପ୍ରୟାସ ମୁଁ କରୁଛି। ଆଉ ଜଣାଇ ଦେବାକୁ ଚାହୁଁଛି ଯେ, ଗ୍ୟାସ୍ ଚୁଲିରେ ମାଟିହାଣ୍ଡିରେ ରନ୍ଧନ ବହୁତ ସହଜ। ଆଉ ସମୟ ସାପେକ୍ଷ ବି ନୁହେଁ। ମୁଁ ମାଟିହାଣ୍ଡିରେ ଭାତ ସାଙ୍ଗକୁ ଆମିଷ ଓ ନିରାମିଷ ଖାଦ୍ୟ ମଧ୍ୟ ପ୍ରସ୍ତୁତ କରିଥାଏ। ଏପରିକି ମାଟିପାତ୍ରରେ ଜଳଖିଆ ମଧ୍ୟ ପ୍ରସ୍ତୁତ କରେ। କେବଳ ସେତିକି ନୁହେଁ କୋଲକାତା, ସମ୍ବଲପୁର, ଜରଡା ଆଦି ଅଞ୍ଚଳର କୁମ୍ଭକାରଙ୍କ ଥଇଥାନ ନିମନ୍ତେ ସେମାନଙ୍କଠାରୁ ଛାଞ୍ଚ ନିର୍ମିତ ବିଭିନ୍ନ ଉପହାର ଦ୍ରବ୍ୟ କିଣି ତାକୁ ମୁଁ ରଙ୍ଗ ଦେଇଥାଏ। ଆଉ ତା'ଉପରେ ବିଭିନ୍ନ ନୀତିବାଣୀ, ସାମାଜିକ ଓ ନୈତିକ ବାର୍ତ୍ତା ଲେଖି ସେସବୁକୁ ସମାଜର ପ୍ରତିଷ୍ଠିତ ବ୍ୟକ୍ତିବୃନ୍ଦଙ୍କୁ ଉପହାର ସ୍ୱରୂପ ପ୍ରଦାନ କରେ। ଯଦ୍ଦ୍ୱାରା କି ଲୋକଙ୍କ ମନରେ ମାଟିର ସାମଗ୍ରୀ ପାଇଁ ଆଗ୍ରହ ସୃଷ୍ଟି ହେବ। ତା'ସହ କୁଶଳ ସ୍ୱଦେଶ ପ୍ରତିଷ୍ଠା ଗ୍ରୁପ ଇଣ୍ଡିଆ ଟ୍ରଷ୍ଟ ଗଠନ କରି ବିଭିନ୍ନ ସେମିନାର ଆୟୋଜନ କରୁଛି। ମାଟିହାଣ୍ଡିର ଉପକାରିତା ଓ ଉପଯୋଗିତା ସମ୍ପର୍କରେ ସମସ୍ତଙ୍କୁ ଜଣାଉଛି ଏବଂ ମାଟିହାଣ୍ଡିରେ ବିଭିନ୍ନ ପାରମ୍ପରିକ ଖାଦ୍ୟ ପ୍ରସ୍ତୁତ କରି ଲୋକଙ୍କୁ ପରଷୁଛି ମଧ୍ୟ।' ସରିତା ମାଟିହାଣ୍ଡିରେ ରୋଷେଇ କରିବା ବ୍ୟତୀତ ଜଣେ ସମାଜସେବୀ ଓ ଲେଖିକା ମଧ୍ୟ। ବିଭିନ୍ନ ପ୍ରକାରର ଆୟୁର୍ବେଦିକ ଔଷଧ ବି ପ୍ରସ୍ତୁତ କରିଥା'ନ୍ତି। ସେ ଲେଖିଥିବା ପୁସ୍ତକ ମଧ୍ୟରେ ଜୀବନ ଜ୍ୟୋସ୍ନା, ପିଲାଙ୍କ ବିକାଶର ସୂତ୍ର, ସୌନ୍ଦର୍ଯ୍ୟ ସମାହାର, ରୋଗ ମୁକ୍ତିର ଉପାୟ ଓ ମାଟି ଆମ ପ୍ରକୃତି ଓ ବିରଜା ନାଟ୍ୟ ସଂକଳନ ଅନ୍ୟତମ। ଏହାବାଦ୍ ସେ ପ୍ରଗତିଶୀଳ ଉତ୍କଳ ସମାଜ, ବ୍ରାହ୍ମଣ ସମାଜ, ମାନବ ଅଧିକାର ସୁରକ୍ଷା ମଞ୍ଚ, ସ୍ୱଦେଶୀ ଜାଗରଣ ମଞ୍ଚ ଓ ସଂସ୍କାରବାଦୀ ସଂଗଠନର ସଦସ୍ୟ ମଧ୍ୟ ଅଛନ୍ତି। ସରିତାଙ୍କର ଏହି ବହୁବିଧ କାର୍ଯ୍ୟ ଲାଗି ସେ ବିଭିନ୍ନ ଅନୁଷ୍ଠାନ ଓ ଅନ୍ତର୍ଜାତୀୟ ମହିଳା ଦିବସରେ ସମ୍ବର୍ଦ୍ଧିତ ମଧ୍ୟ ହୋଇଛନ୍ତି। ଏମାନେ ନୁହନ୍ତି ଧନଶାଳୀ କି ଉଚ୍ଚପଦସ୍ତ ଅଧିକାରୀ, ହେଲେ ଏମାନଙ୍କ ଭିନ୍ନ ବ୍ୟକ୍ତିତ୍ୱ ଓ ଭିନ୍ନ ସଉକ ସେମାନଙ୍କୁ ଦେଇଛି ସମାଜରେ ଏକ ଭିନ୍ନ ତଥା ସ୍ୱତନ୍ତ୍ର ସ୍ଥାନ। ଆଉ ପରିଗଣିତ ହେଉଛନ୍ତି ଜଣେ ଜଣେ ନିଆରା ମଣିଷ ଭାବେ।

ଏମାନେ ନୁହନ୍ତି ଧନଶାଳୀ କି ଉଚ୍ଚପଦସ୍ଥ ଅଧିକାରୀ, ହେଲେ ଏମାନଙ୍କ ନିଆରା ବ୍ୟକ୍ତିତ୍ୱ ଓ ଭିନ୍ନ ସଉକ ସେମାନଙ୍କୁ ଦେଇଛି ସମାଜରେ ଏକ ଭିନ୍ନ ତଥା ସ୍ୱତନ୍ତ୍ର ସ୍ଥାନ। ଆଉ ପରିଗଣିତ ହେଉଛନ୍ତି ଜଣେ ଜଣେ ନିଆରା ମଣିଷ ଭାବେ।

-ଶିବାନୀ ମହାନ୍ତି

ତଥ୍ୟ ସହାୟତା- ସ୍ମୃତି ରଞ୍ଜନ ମହାଲିକ୍ (ବ୍ରହ୍ମପୁର)





ସ୍ୱାମୀଙ୍କ ସହ ସରିତା ପଣ୍ଡା

# ଫ୍ୟାଶନେବଲ୍ ରେନ୍‌କୋଟ୍






**ବର୍ଷାଦିନେ ଛତା ଆଉ ରେନ୍‌କୋଟ୍‌ର ଚାହିଦା ଖୁବ୍ ବଢ଼ିଯାଏ। ଆଉ ସେହି ଚାହିଦାକୁ ଦେଖି ନୂଆ ନୂଆ ଡିଜାଇନ୍‌ର ଛତା ଓ ରେନ୍‌କୋଟ୍ ମାର୍କେଟ୍‌କୁ ଆସିଥାଏ। ଏଠାରେ ସେମିତି କିଛି ଫ୍ୟାଶନେବଲ୍ ରେନ୍‌କୋଟ୍ ସମ୍ପର୍କରେ ଉଲ୍ଲେଖ କରାଗଲା, ଯାହା ବର୍ଷାରୁ ରକ୍ଷା କରିବା ସଙ୍ଗେ ସଙ୍ଗେ ଷ୍ଟାଇଲିଶ୍ ଲୁକ୍ ବି ଦେଇଥାଏ...**

..........................

**ପୋଲ୍‌କା ଡଟ୍ ରେନ୍‌କୋଟ୍:** ଅଲ୍ ଟାଇମ ଫ୍ୟାଶନେବଲ୍ ଲୁକ୍ ଦେଇଥାଏ ପୋଲ୍‌କା ଡଟ୍ ଆଉଟ୍‌ଫିଟ୍। ଏବେ ପୋଲ୍‌କା ଡଟ୍ ରେନ୍‌କୋଟ୍ ବି ମାର୍କେଟରେ ମିଳିଲାଣି, ଯାହା ଷ୍ଟାଇଲିଶ୍ ଲାଗିବା ସହ ବିଭିନ୍ନ ଲେଙ୍ଗ୍‌ଥରେ ବି ଉପଲବ୍ଧ ହେଉଛି।

**ଟ୍ରାନ୍ସପରେଣ୍ଟ ୱାଟରପ୍ରୁଫ୍ ରେନ୍‌କୋଟ୍:** ଏହି ରେନ୍‌କୋଟ୍ ଟ୍ରାନ୍ସପରେଣ୍ଟ ହୋଇଥିବାରୁ ପୋଷାକ ଉପରେ ଏହାକୁ ପିନ୍ଧିଲେ ବି ଅନ୍ୟମାନେ ଆପଣଙ୍କ ପୋଷାକକୁ ସହଜରେ ଦେଖିପାରିଥାନ୍ତି। ତେଣୁ ଏହା ଦ୍ୱାରା ଦୁଇଟି ସୁବିଧା ହୁଏ। ଗୋଟିଏରେ ବର୍ଷାରୁ ରକ୍ଷା ପାଇହୁଏ, ଦ୍ୱିତୀୟରେ ଆପଣଙ୍କର ଷ୍ଟାଇଲିଶ୍ ଆଉଟ୍‌ଫିଟ୍‌କୁ ଅନ୍ୟମାନଙ୍କ ଆଗରେ ଶୋ' ଅଫ୍ ବି କରିହୁଏ। ଏହି ରେନ୍‌କୋଟ୍ ଉଭୟ ନି ଲେଙ୍ଗ୍‌ଥ ଆଉ ଲଙ୍ଗ୍ ଲେଙ୍ଗ୍‌ଥରେ ମିଳିଥାଏ।

**ଫ୍ରକ୍ ଷ୍ଟାଇଲ ରେନ୍‌କୋଟ୍:** ଫ୍ରକ୍ ଷ୍ଟାଇଲ୍‌ର ଦେଖାଯାଉଥିବା ଏହି ରେନ୍‌କୋଟ୍ ଯୁବତୀଙ୍କୁ ମଡର୍ନ ଲୁକ୍ ଦେଇଥାଏ। ବର୍ଷାଦିନେ ଫ୍ୟାଶନ୍ ସହ ସାଲିସ୍ କରିବାକୁ ଚାହୁଁ ନ ଥିବା ଷ୍ଟାଇଲିଶ୍ ଯୁବତୀମାନଙ୍କ ପାଇଁ ଏହା ଏକ ଭଲ ଅପ୍ସନ। ଖାସ୍ କରି ନି ଲେଙ୍ଗ୍‌ଥରେ ଆସୁଥିବା ଏହି ରେନ୍‌କୋଟ୍ ନି ଲେଙ୍ଗ୍‌ଥ ଆଉଟ୍‌ଫିଟ୍ ସହ ହିଁ ଭଲ ମାନିଥାଏ। ତା'ଛଡ଼ା ଘେରବାଲା ତଥା ଫ୍ଲୋରାଲ୍ ଡିଜାଇନ୍‌ର ଫ୍ରକ୍ ଷ୍ଟାଇଲ୍ ରେନ୍‌କୋଟ୍ ଅଧିକ ସୁନ୍ଦର ଦେଖାଯାଇଥାଏ।

**ସ୍କର୍ଟ-ଟପ୍ସ ଷ୍ଟାଇଲ୍ ରେନ୍‌କୋଟ୍:** ଏହି ରେନ୍‌କୋଟ୍ ପିନ୍ଧିଲେ କେହି ବି ଦ୍ୱନ୍ଦ୍ୱରେ ପଡିଯିବେ ଯେ, ଆପଣ ରେନ୍‌କୋଟ୍ ପିନ୍ଧିଛନ୍ତି ନା କୌଣସି ସ୍କର୍ଟ ଟପ୍ସ। ଅବିକଳ ସ୍କର୍ଟ ଓ ଟପ୍ସ ଷ୍ଟାଇଲ୍‌ରେ ଆସୁଥିବା ଏହି ରେନ୍‌କୋଟ୍ ପିନ୍ଧିଲେ ବର୍ଷାଦିନେ ବେଶ୍ କମ୍ଫର୍ଟେବଲ୍ ଲାଗିଥାଏ। ତା'ଛଡ଼ା ଏହା ଲଙ୍ଗ୍ ଲେଙ୍ଗ୍‌ଥରେ ଆସୁଥିବାରୁ ଓଦା ହେବାର ସମ୍ଭାବନା ବି ଖୁବ୍ କମ୍ ଥାଏ।

**ଲେସ୍ ରେନ୍‌କୋଟ୍:** ଏହା ବି ଏକ ଷ୍ଟାଇଲିଶ୍ ରେନ୍‌କୋଟ୍। ଏହି ରେନ୍‌କୋଟ୍‌ର ଭିତର ପାର୍ଶ୍ୱରେ ଯେକୌଣସି ଟ୍ରାନ୍ସପରେଣ୍ଟ କଲର୍‌ର ଏକ ୱାଟର୍‌ପ୍ରୁଫ୍ କପଡ଼ା ଥାଏ ଏବଂ ବାହାର ପାର୍ଶ୍ୱରେ ସେହି କଲର୍‌ର ଲେସ୍ କାମ ହୋଇଥିବା କପଡ଼ା ଲାଗିଥାଏ। ଫଳରେ ଏହା ବର୍ଷାରୁ ରକ୍ଷା କରିବା ସହ ଆକର୍ଷଣୀୟ ଲୁକ୍ ଦେଇଥାଏ। ବିଭିନ୍ନ ଲେଙ୍ଗ୍‌ଥ୍‌ରେ ବି ଏହା ମାର୍କେଟରେ ଉପଲବ୍ଧ ହୋଇଥାଏ।

**ୱେଷ୍ଟ ଲେଙ୍ଗ୍‌ଥ ରେନ୍‌କୋଟ୍:** ଅଣ୍ଟା ପର୍ଯ୍ୟନ୍ତ ଲମ୍ବା ରହୁଥିବାରୁ ଏହାକୁ ପିନ୍ଧି ବର୍ଷାରେ ଯିବାବେଳେ ଆପଣଙ୍କ ପୋଷାକ ଅଣ୍ଟା ପର୍ଯ୍ୟନ୍ତ ଓଦା ହେବନାହିଁ, କିନ୍ତୁ ଅଣ୍ଟାଠାରୁ ପାଦ ପର୍ଯ୍ୟନ୍ତ ଆପଣ ଓଦା ହୋଇଯିବେ। କେବଳ ଷ୍ଟାଇଲିଶ୍ ଲୁକ୍ ପାଇଁ ଏହାକୁ ଯୁବପିଢ଼ି ପସନ୍ଦ କରୁଛନ୍ତି। ଯେଉଁମାନେ ସଟ୍ସ ପିନ୍ଧୁଛନ୍ତି, ସେମାନେ ଚାହିଁଲେ ଏହାକୁ ପିନ୍ଧି ପାରିବେ।
















# ସଂଘର୍ଷର ନାଁ କବିତା

ପ୍ରତ୍ୟେକ ସଫଳ ମଣିଷ ପଛରେ ଲୁଚି ରହିଥାଏ ତା'ର ସଂଘର୍ଷର କାହାଣୀ। ଦୁଃଖ କଷ୍ଟ, ନିର୍ଯ୍ୟାତନା ଓ ସଂଗ୍ରାମ ମଧ୍ୟରେ କାର୍ଯ୍ୟ ପ୍ରତି ନିଷ୍ଠା ଓ ଆନ୍ତରିକତା ତାଙ୍କୁ ଦେଇଥାଏ ସମାଜରେ ଭିନ୍ନ ମଣିଷର ପରିଚୟ। ଏପରି ଜଣେ ଅନନ୍ୟା ହେଲେ ଓଡ଼ିଶାର ପ୍ରଥମ ମହିଳା ସ୍ଥପତି କବିତା ମହାନ୍ତି। ହାତରେ ନିହାଣ ଓ ମୁଗୁର ଧରି ପଥର ମୂର୍ତ୍ତି ଗଢ଼ିବା ପରି ନିଜ ଜୀବନକୁ ମଧ୍ୟ ଗଢ଼ି ତୋଳିଛନ୍ତି ନିଜ ଚେଷ୍ଟାରେ। ବିଶିଷ୍ଟ ନାଟ୍ୟ ନିର୍ଦ୍ଦେଶକ ପିତା ବିଭୂତି ଭୂଷଣ ମହାନ୍ତିଙ୍କ କନିଷ୍ଠ କନ୍ୟା କବିତା ୧୯୬୭ ମସିହା କଟକ ଜିଲାର ସୁନ୍ଦର ଗ୍ରାମରେ ଜନ୍ମଗ୍ରହଣ କରିଥିଲେ। ପିତା ଥିଲେ ଜଣେ ଖ୍ୟାତନାମା ଡ୍ରାମା, ଗୀତିନାଟ୍ୟ ଓ ଗୋଟିପୁଅ ନୃତ୍ୟ ନିର୍ଦ୍ଦେଶକ। ତାଙ୍କଠାରୁ ପ୍ରେରଣା ପାଇ ଖୁବ୍ ଛୋଟବେଳୁ ନାଟକରେ ଅଭିନୟ କରିବା ସହିତ ଚିତ୍ର ଓ ମାଟିର ମୂର୍ତ୍ତି ଗଢୁଥିଲେ କବିତା। ବାପାଙ୍କର ସ୍ୱପ୍ନ ଥିଲା ଝିଅ କଳାକାର ହୋଇ ତାଙ୍କ ନାମ ରଖିବ। ବିଧାତାଙ୍କର କିନ୍ତୁ ଥିଲା ଭିନ୍ନ ନିର୍ଦ୍ଦେଶ। ମାତ୍ର ୧୦ ବର୍ଷ ବୟସରେ ଷଷ୍ଠ ଶ୍ରେଣୀରେ ପଢିବା ବେଳେ ସବୁଦିନ ପାଇଁ ବାପାଙ୍କୁ ହରାଇ ବସିଲେ ସେ। କବିତା କୁହନ୍ତି, ବାପା ଚାଲିଗଲା ପରେ ଘରେ ଅନ୍ୟ କାହାଠାରୁ ଉତ୍ସାହ ମିଳି ନ ଥିଲା। ଏପରିକି ଲୁଚିଛପି ଚିତ୍ରକଳା ପ୍ରତିଯୋଗିତା, ଚିତ୍ର ପ୍ରଦର୍ଶନୀରେ ଭାଗ ନେଇ ଘରକୁ କପ୍‌ଟିଏ ଆଣିଲେ ମୋତେ ମାଡ ଗାଳି ମିଳୁଥିଲା। ହାଇସ୍କୁଲ ପାଠ ଶେଷ କରି ୧୯୮୩ ମସିହାରେ ମୁଁ ଖଲ୍ଲିକୋଟ ସ୍ଥିତ ଚାରୁ ଓ କାରୁକଳା ମହାବିଦ୍ୟାଳୟରେ









ନାମ ଲେଖାଇବା ପାଇଁ ଦରଖାସ୍ତ କରିଥିଲି। ଆସିଥିବା ଚିଠିକୁ ଘର ଲୋକେ ଲୁଚାଇଦେଲେ। ସେମାନଙ୍କ ଇଚ୍ଛା ଥିଲା ମହିଳା ପଲିଟେକ୍‌ନିକ୍‌ରେ ପାଠ ପଢି ବାହା ହୋଇ ଘର ସଂସାର କରେ। କିନ୍ତୁ ମୁଁ ମୋ ଜିଦ୍‌ରେ ଅଟଳ ରହି ଖଲ୍ଲିକୋଟ ଗଲି। ପଢ଼ା ସମୟର ଖର୍ଚ୍ଚ ବହନ କରିବା ସମ୍ଭବ ନ ହେବାରୁ ଗୋଟେ ବର୍ଷ ପରେ ଚାଲି ଆସି ବିଭୂତି କାନୁନ୍‌ଗୋ ଚାରୁ କଳା ମହାବିଦ୍ୟାଳୟରେ ନାମ ଲେଖାଇଲି। ପରିବାର ଲୋକଙ୍କୁ ବିରୋଧ କରି ଜିଦ୍‌ରେ ଚିତ୍ର ଶିକ୍ଷା କରିଥିବାରୁ ସେମାନେ ରାଗିଯାଇ ମୋ ମାଟ୍ରିକ ସାର୍ଟିଫିକେଟ ସହିତ କେଇଟା ତୈଳଚିତ୍ର ଜାଳିଦେଲେ। ଆଖି ସାମ୍ନାରେ ଜଳିପୋଡି ପାଉଁଶ ହୋଇଗଲା ମୋ କଳ୍ପନାର ରଙ୍ଗ ଦେଇ ଆଙ୍କିଥିବା ଚିତ୍ର ; ଯାହା ଥିଲା ମୋ ଜୀବନର ଏକ ଦୁଃଖଦାୟକ ଘଟଣା। ସେହି ମୁହୂର୍ତ୍ତରୁ ଘର ଛାଡି ଚାଲିଆସିଲି। ବଡ ଦୁଇ ଭଉଣୀ ମମତା ଓ ସବିତାଙ୍କ ସହାୟତା ରହିଥିଲା। ନିଜର ଖର୍ଚ୍ଚ ବହନ ପାଇଁ ଓମ୍‌ଫେଡ୍ ମିଲ୍କ ଏଜେଣ୍ଟ ଭାବେ କାମ କରିବା ସହିତ ଘରୋଇ ଭାବେ କିଛି ପିଲାଙ୍କୁ ଚିତ୍ରକଳା ଶିକ୍ଷା ଦେବା ଆରମ୍ଭ କଲି ; ଯାହା ମୋ ପଢ଼ା ସମୟର ରଙ୍ଗ ତୂଳୀ ଖର୍ଚ୍ଚରେ ସହାୟକ ହୋଇଥିଲା। ମୂର୍ତ୍ତି ନିର୍ମାଣକାରୀଟିଏ ହେବା ଆଶାରେ କଲେଜରେ ସ୍ପେଶାଲାଇଜେଶନ୍ ରୂପେ ସ୍ଥପତି ବିଦ୍ୟା ନେଇଥିଲି। ସେଠି ମଧ୍ୟ ଏକାକୀ ଝିଅ ହୋଇଥିବାରୁ ପ୍ରଥମେ ସାଥୀ ପୁଅମାନଙ୍କଠାରୁ ଉପହାସ ସହିବାକୁ ପଡିଥିଲା। ପରେ କିନ୍ତୁ ମୋର କାମ ପ୍ରତି ଏକାଗ୍ରତା ଦେଖି ସେମାନେ ସହଯୋଗର ହାତ ବଢ଼ାଇଥିଲେ। ମାଟି ନିଜେ ଚକଟିବାଠାରୁ ଆରମ୍ଭ କରି ପ୍ଲାଷ୍ଟର କାମ ଖୁବ୍ ଉତ୍ସାହର ସହ କରୁଥିଲି। ପ୍ରଖ୍ୟାତ ସ୍ଥପତି ଅଦ୍ୱୈତ ଗଡ଼ନାୟକଙ୍କ ମାର୍ଗଦର୍ଶନ ମୋ କାମକୁ ଅଧିକ ଶକ୍ତ କରିଛି। ନୂଆ ନୂଆ ପଥର କାଟିଲା ବେଳେ ଲକ୍ଷ୍ୟଚ୍ୟୁତ ହୋଇ ମୋ ବାମ ହାତର ବୁଢ଼ା ଆଙ୍ଗୁଳି ହାତୁଡି ମାଡ ଖାଇ ବାରମ୍ବାର ଫାଟୁଥିଲେ ବି ବନ୍ଧୁ ଆଦିତ୍ୟ, ସାଙ୍ଗ ଓ ସାର୍‌ମାନେ ମୋତେ ସାହସ ଦିଅନ୍ତି, ତେଣୁ ମୋ ଲକ୍ଷ୍ୟ ଆଗରେ ଶରୀର ପୀଡା ହାର ମାନିଛି। କାହିଁକିନା ମନରେ ଏପରି ଥିଲା କେବେ କେହି ନ କୁହନ୍ତୁ ଯେ, ବିଚାରି ଝିଅମାନଙ୍କ ପାଇଁ ସ୍ଥପତି ବିଦ୍ୟା ସହଜ ନୁହେଁ। ଗୁରୁ ଦୀନନାଥ ପାଠୀଙ୍କ ସହଯୋଗ ପାଇ ମୁଁ ପାଠ ପଢ଼ି ପାରିଛି। ଗୁରୁ ଦାମୋଦର ବେହେରା ଓ ଦେବରାଜ୍ ସାହୁଙ୍କଠାରୁ ଟେରାକୋଟା, ପଥର ଓ ମାଟି ମୂର୍ତ୍ତି କାମ ଶିକ୍ଷା କରଛି। ୧୯୮୮ମସିହାରେ ମୋର ଡିଗ୍ରୀ ଶେଷ ହେବା ପରେ ୧୯୮୯ରେ ମୁଁ ମନୋମାନିନୀ ନାମକ ଏକ ଅନୁଷ୍ଠାନ ଗଢିଲି ଟେରାକୋଟା, ହସ୍ତଶିଳ୍ପ, ଚିତ୍ରକଳା, ଓଡ଼ିଶୀ, କଥକ, ସଙ୍ଗୀତ ଶିକ୍ଷା ଦେବା ଲକ୍ଷ୍ୟରେ। ଉଦ୍ଦେଶ୍ୟ ଥିଲା ପାରିବାରିକ ଓ ଆର୍ଥିକ ସହାୟତା ପାଉ ନ ଥିବା ପିଲାଟିଏ ସ୍ୱାବଲମ୍ବୀ ହୋଇ ବାହାରୁ। ପାଞ୍ଚଜଣ ପିଲାଙ୍କୁ ନେଇ ଆରମ୍ଭ ହୋଇଥିବା ଏହି ଅନୁଷ୍ଠାନରୁ ବର୍ତ୍ତମାନ ଅନେକ ପିଲା ଶିକ୍ଷା ଗ୍ରହଣ କରି ଆତ୍ମନିର୍ଭରଶୀଳ ହୋଇପାରିଛନ୍ତି। ଚିତ୍ରକଳା ବ୍ୟତୀତ ଅଭିନୟରେ ବି ମୋର ରୁଚି ରହିଛି। ମାଉସୀ, ଭାଗ୍ୟ ବିଧାତା, ପଣତ କାନି, କଥା କହୁଥିଲେ ସରିବନି, ନ୍ୟାୟ ଅନ୍ୟାୟ ପରି କେତେକ ଧାରାବାହିକରେ ମଧ୍ୟ କାମ କରିଛି। ସ୍ୱାମୀ, ପୁଅ ଓ ଦୁଇଝିଅଙ୍କୁ ନେଇ ଏବେ ମୋର ସଂସାର। ମୋ ମତରେ, 'କଳାକାର ପାଇଁ ପ୍ରେରଣାର ଆବଶ୍ୟକତା ରହିଛି। ସରକାର ସ୍ଥପତି ବିଦ୍ୟା ବିଶେଷ କରି ନାରୀ ସ୍ଥପତିଙ୍କ ବିକାଶ ପାଇଁ ଦୃଷ୍ଟି ଦେବା ଉଚିତ। ' ପୁରସ୍କାରକୁ ଆଶା ନ କରି ନିଜ କର୍ତ୍ତବ୍ୟ ପଥରେ ଆଗେଇ ଚାଲିଥିବା କବିତାଙ୍କୁ ତାଙ୍କ କାରୁକାର୍ଯ୍ୟ ପାଇଁ ଅନେକ ଅନୁଷ୍ଠାନ ସମ୍ମାନିତ ଓ ସମ୍ବର୍ଦ୍ଧିତ କରିଛନ୍ତି ; ଯେଉଁଥିରେ ତ୍ରିଶକ୍ତି ସମ୍ମାନ, ପଣ୍ଡିତ ଗୋପବନ୍ଧୁ ଦାସ ସମ୍ମାନ, ଭାରତ ରତ୍ନ ରାଜୀବ ଗାନ୍ଧୀ ସମ୍ମାନ, ଦୀନ୍ ଦୟାଲ ସ୍ମୃତି ଓ ମାତୃଶକ୍ତି ସ୍ମୃତି ସମ୍ମାନ ଇତ୍ୟାଦି ଅନ୍ୟତମ। ନିଜ ସଫଳତାର ଶ୍ରେୟ ପିତାଙ୍କ ଆଶୀର୍ବାଦ ଓ ପତି ମନୋଜ ଦାସଙ୍କ ପ୍ରେରଣା ବୋଲି ସେ କୁହନ୍ତି। ବର୍ତ୍ତମାନ ଝାଡ଼ଖଣ୍ଡର ହସ୍ତଶିଳ୍ପ ବିଭାଗର ଡିଜାଇନର ଭାବେ କାର୍ଯ୍ୟରତ ଏହି ଶିଳ୍ପୀ ଗୋଟିଏ ଉଚ୍ଚକୋଟୀର ସ୍ଥପତି ଓ ଟେରାକୋଟା ଷ୍ଟୁଡିଓ କରିବାର ଆଶା ରଖିଛନ୍ତି। କୌଣସି ସରକାରୀ ସାହାଯ୍ୟ ନ ପାଇ ଦୀର୍ଘ ୩୨ବର୍ଷ ଧରି ନିଜସ୍ୱ ଚେଷ୍ଟାରେ ତାଙ୍କ ମନୋମାନିନୀ ଅନୁଷ୍ଠାନ ବହୁ ଶିଳ୍ପୀ ଗଢିପାରିଛି।

*–**ପ୍ରିୟମ୍ବଦା ରଥ,** ଆର୍.କେ. ପୁରମ୍, ସେକ୍ଟର ୪, ନୂଆଦିଲ୍ଲୀ*

*ମୋ: ୮୬୮୮୯୪୭୮୦୦*





# ନୀଳାଦ୍ରି ବିଜେ

–ସାଈଜ୍ୟୋତି ପ୍ରଧାନ




ବର୍ଷକ ଆଗରୁ ନିଜର ଏକମାତ୍ର ସମ୍ବଳକୁ ହରେଇଥିବା ପରିକ୍ଷିତବାବୁ ବୃଦ୍ଧାଶ୍ରମରେ ଏକ ପ୍ରକାର ଅଥର୍ବଙ୍କ ଭଳି ଜୀବନ କାଟୁଥାନ୍ତି। ବୟସ ବହୁତ ବେଶି ନ ହେଲେ ମଧ୍ୟ ନିୟତିର ଦାରୁଣ କଷାଘାତରେ ସେ ଭାଙ୍ଗି ପଡ଼ିଛନ୍ତି। ନିଜର ସମସ୍ତ ସମ୍ପତ୍ତିକୁ ବୃଦ୍ଧାଶ୍ରମକୁ ଦାନ କରି ନିଜେ ତାହାର ଅନ୍ତେବାସୀ ପାଲଟି ଯାଇଛନ୍ତି।

ଆଜି ଚତୁର୍ଦ୍ଧା ମୂର୍ତ୍ତିଙ୍କ ନୀଳାଦ୍ରି ବିଜେ। ରତ୍ନ ସିଂହାସନରେ ବିଜେ ହେବେ ମହାପ୍ରଭୁ। ଟିଭିରେ ସିଧା ପ୍ରସାରଣ ଦେଖୁଥାନ୍ତି ପରିକ୍ଷିତ ବାବୁ। ବଡ଼ଦାଣ୍ଡରେ ନାହିଁ ନ ଥିବା ଭିଡ଼। ଠାକୁର ଦର୍ଶନ ପାଇଁ ଭିଡ଼ାଓଟରା। ପୁରୀ ବଡ଼ଦାଣ୍ଡରେ ଭକ୍ତଙ୍କୁ ଦେଖି ତାଙ୍କ ଆଖିରେ ଲୁହ ଆସିଗଲା। ଅସ୍ପଷ୍ଟ ଭାବରେ ସେ ମନକୁମନ କହିଲେ...– ଏ ଭିଡ଼ ଭିତରେ ହେଲେ ହଜି ଯାଇଥାନ୍ତୁରେ ବାପା। ପୃଥିବୀର କେଉଁ କୋଣରେ ହେଲେ ଥାଆନ୍ତୁ। ଅକାତକାତ ପାଣିରେ ଭାସିଗଲୁ ଯେ, ତୋର ଅସ୍ତିତ୍ୱ ରହିଲାନି।

ପରିକ୍ଷିତବାବୁଙ୍କ ଆଖିର ଲୁହ ବୋଲ ମାନୁ ନ ଥାଏ। ଗତବର୍ଷ ଠିକ୍ ଏଇ ସମୟରେ ଆମେରିକାରୁ ଆସି ପୁଅ ନିଜ ସାଙ୍ଗସାଥୀଙ୍କ ସହିତ ଅମରନାଥ ଯାତ୍ରା କରିଥିଲା। ବାପାଙ୍କ ବାରଣକୁ ଯୁକ୍ତି ମାଧ୍ୟମରେ କାଟିଦେଇ କହିଥିଲା...– ବାପା, ଧର୍ମକର୍ମ ପାଇଁ କୌଣସି ନିର୍ଦ୍ଧିଷ୍ଟ ବୟସ ଧାର୍ଯ୍ୟ କରାଯାଇ ନାହିଁ। ତୁମେ ଯେହେତୁ ଯୁବାବସ୍ଥାରେ ଯାଇନାହଁ, ଏବେ ଆର୍ଥିକ ସ୍ୱଚ୍ଛଳତା ଥାଇ ମଧ୍ୟ ବୟସାଧିକ୍ୟ ହେତୁ ଯାଇପାରୁନାହଁ। ତେଣୁ ମୋର ବୟସ ଥାଉ ଥାଉ ମୋତେ ଯିବାକୁ ଦିଅ। ପୁଅର ଯୁକ୍ତି ମଧ୍ୟ ଅକାଟ୍ୟ ଥିଲା। ସେ ଯାଇ ବର୍ଫାନୀ ବାବାଙ୍କୁ ଦର୍ଶନ କରିବାପରେ ଟେଣ୍ଟରେ ସାଙ୍ଗସାଥୀଙ୍କ ସହିତ ରହିଥାଏ। ହଠାତ୍ ବାଦଲଫଟା ବର୍ଷାରେ ସମୁଦ୍ର ପରି ଜଳଧାରା ମାଡ଼ି ଆସିଲା। ଜଳାର୍ଣ୍ଣବ ହୋଇଗଲା ତା' ଭାଗର ପୃଥିବୀ। ଜଳସମାଧି ନେଇଗଲା ଏକମାତ୍ର ହୃଦଶଙ୍ଖାଳି। ଏ ଖବର ପହଞ୍ଚିବା ପରେ ଚେତା ହରେଇଥିଲେ ପରିକ୍ଷିତବାବୁ। ନିଃସ୍ୱ ହୋଇଯାଇଥିଲେ ସେ ପ୍ରକୃତିର ତାଣ୍ଡବ ଲୀଳାରେ। ଏକମାତ୍ର ନାତିକୁ ନେଇ ଆମେରିକାରେ ରହୁଥିବା କର୍ମଜୀବୀ ବୋହୂ ସ୍ୱଦେଶ ଫେରିବାକୁ ରାଜି ହେଲାନି। ବାଧ୍ୟ ହୋଇ ସେ ବୃଦ୍ଧାଶ୍ରମରେ ଆଶ୍ରୟ ନେଲେ। ଦିନ ପରେ ରାତି ପାହୁଥାଏ। ଋତୁଚକ୍ର ସ୍ୱକୀୟ ଢଙ୍ଗରେ ଗଡୁଥାଏ। ପରିକ୍ଷିତବାବୁ ବର୍ଷକତଳୁ ଯେଉଁ ବିନ୍ଦୁରେ ଛିଡ଼ା ହୋଇଥିଲେ ଆଜି ବି ସେଇ ବିନ୍ଦୁରେ ଛିଡ଼ା ହୋଇଛନ୍ତି। ରାତି ଅନ୍ଧାରରେ ଜଗାକୁ ପ୍ରଶ୍ନ କରୁଛନ୍ତି...– ମୋତେ ବେଘର କରିଦେଇ ତୁ କେମିତି ଘରକୁ ଯିବୁରେ କାଳିଆ ! ତୋ ମୁହଁରେ ଲାଜ ନାହିଁ ବୋଲି କାଳି ବୋଲି ହୋଇଛୁ। କହ, ମୁଁ ତୋତେ ଆଜି ଏତେ ଗାଳିକଲିଣି। ତୁ ଏ ଭର୍ତ୍ସନା ସହ୍ୟ କରିପାରୁଛୁ ? ତୋତେ ଆଜି ରାତିରେ ନିଦ୍ରା ଘାରିବ ? ସତରେ ତୁ ଶୋଇପାରିବୁ ? ଗୁରୁ ଗମ୍ଭୀର ସ୍ୱରରେ ଦୃଶ୍ୟାନ୍ତରାଳରୁ ଭାସି ଆସୁଥିଲା...

ଉତ୍ତିଷ୍ଠ ଜଗନ୍ମଙ୍ଗଳହେତବେ ନମସ୍ତେ କମଳାକାନ୍ତ....

–ଖଲାରୀ, ଅନୁଗୋଳ
ମୋ: ୮୯୧୭୨୮୦୧୭୦



## ମୌସୁମୀ ମହକ

–ମାନସ ରଞ୍ଜନ ନାୟକ

ଢଲକାଏ ପବନରେ ଉଡ଼ିଯାଏ ମଥାନ ଫାଳକ
ରମାବୋଉର ଆଖି ବର୍ଷେ , ଓଦା ହୁଏ ଓଠ ଓ ଚିବୁକ ।
ରମାବାପା ମାଟିମଗ୍ନ ବୁଣୁଥାଏ ସୁଖର ବିହନ
ମୌସୁମୀର ପହିଲି ଛିଟାରେ ଖୋଜେ ସବୁଜ ସପନ।

ଗବାକ୍ଷରୁ ଛୁଟିଆସେ ମୌସୁମୀର ପ୍ରୀତି ସମ୍ମୋହନ
ଭୋକଜନ୍ମାଙ୍କ ବେଳ ଫୁଟପାଥ୍ ରୁ ହେବେ ବିସ୍ଥାପନ
ମଦ ମାଂସରେ ଉଚ୍ଚାଟ ହୁଏ କିଛି ମୌସୁମୀ ମହକ
ଝୁମ୍ପୁଡିରେ ଦେଖେ ଓଦା ଜୁଡୁବୁଡୁ ତା ଚୁଲୀ ଖଣ୍ଡକ।

ଆକାଶର ଭସାଣିରେ ଆହ୍ଲାଦିତ ପକ୍ଷୀର କୂଜନ
ଭୋକପେଟ,ଛିଣ୍ଡାକନ୍ଥା,ଭିଜୁଥାଏ ବତୁରା ଜୀବନ
ସବୁଜ ଗାଲିଚା ଦେହେ ମୃଦୁ ଚାଲେ ସାଧବରବୋହୂ
ଜୀବନ ଜୀବିକାରେ ବାଜିଲାଗେ କେତେ ଲୁହ ଲହୁ ।

–ମଞ୍ଜୁରୀ ରୋଡ୍ ଭଦ୍ରକ, ମୋ: ୯୮୯୦୮ ୫୧୪୨୭

## ଚିହ୍ନ


–ପଦ୍ମଜା ଶରଣ

କବିତା ଗୋଟେ ପାଦ ଚିହ୍ନ
ଯେତେ ହାଲୁକାରେ
ଥାପିଲେ ବି ଚିହ୍ନିହୁଏ
ସମୁଦ୍ର ନିଏ ପୁଣି ଫେରାଏ
ଟିକେ ବି ଧୋଇନଥାଏ କିଛି
ଅଳତା ବି ନୁହେଁ

ମୁଁ ସେ ଚିହ୍ନକୁ ପୁଣି ପିନ୍ଧେ
ଅତିକ୍ରମି ଥିବା ପଥ,ପଥର
ଫୁଲ,କଣ୍ଟା
ମରୁ,ମରୀଚିକା
ସବୁକିଛି ପରିଚିତ ଲାଗେ
ମୁଁ ଆଉ ଚାଲେନା
ବହିଯାଏ
ପାଦ ଚିହ୍ନ ଗୋଟେ ନଇ କି ?
ବୋଧହୁଏ..

–ନୀଳକଣ୍ଠପୁର , ଯାଜପୁର
ମୋ: ୯୨୩୮୫ ୮୯୯୧୪





## ବର୍ଷାଭିଜା ଭାବନା

–ରାଜଲକ୍ଷ୍ମୀ ତ୍ରିପାଠୀ

ଏ ବର୍ଷା ଏକ ବାହାନା
ତୁମକୁ ପାଖରେ ପାଇ
ମନଇଚ୍ଛା ଭିଜିଯିବା,
କେଉଁ ଦୂର ସଂଜବତୀକୁ
ଛାଇକରି ଫୁଟିଲେଣି
ହୃଦୟର ଫୁଲସବୁ
ଗୀତଟିଏ ସଜାଡ଼ିଛି ଗାଇବାକୁ
ଏବେ ଯଦି ଫେର ତମେ।
କେଉଁ ଜଙ୍ଗଲୀ ଫୁଲର ବାସ୍ନା
ଆଉ ବିଳମ୍ବିତ ରାତିର ମାୟା
ଜାଣେ ଜିତିପାରନ୍ତି ତୁମ
ଆନମନା ମନ
ମୁଁ କିନ୍ତୁ ଚାହେଁ ,ଏ ବର୍ଷା
ନହେଉ ଏକ ବାଟ
ତୁମେ ମତେ ଛାଡି ଯିବା ପାଇଁ।

–ସୁଭଦ୍ରା ଲେନ, ପୁରୀ
ମୋ : ୯୮୯୦୮୫୧୪୨୭

# ଅସରପାକୁ ଡର


କ୍ରିତି

କ୍ରିତି ସାନନ୍ ଗୋଟିଏ ଜିନିଷକୁ ଦେଖିଲେ ଭାରି ଭୟ କରନ୍ତି। ଯଦି ସେ ତାହାକୁ ଦେଖିବାକୁ ପାଇଲେ ତେବେ ତାଙ୍କର ଅବସ୍ଥା ନ କହିବା ଭଲ। ହେଲେ ତାହା କ'ଣ ଜାଣିବେନି ? ଅସରପା। ଥରେ ଏକ ଇନଡୋର ଶୁଟିଂ ସମୟରେ ସେ ଅସରପାଟିଏ ଦେଖିଦେଲେ। ଆଉ ତା'ପରେ ଯାହା ହେଲା ନ କହିବା ଭଲ। ସେ ଏତେ ଭୟଭୀତ ହୋଇଗଲେ ଯେ ବିଳମ୍ବ ନ କରି ନିଜ ଭ୍ୟାନଟି ଭ୍ୟାନ୍ ଭିତରକୁ ଚାଲି ଯାଇଥିଲେ। କେବଳ ସେତିକି ନୁହେଁ, ଏଥିପାଇଁ ଶୁଟିଂକୁ କିଛି ସମୟ ବନ୍ଦ ରଖିବାକୁ ପଡିଥିଲା। ଏ ନେଇ କ୍ରିତି କହନ୍ତି, 'ସତ କଥା ହେଲା ଅସରପା ଦେଖିଲେ ମୋତେ ଭାରି ଡର ଲାଗେ। ଥରେ ଏଥିପାଇଁ ମୁଁ ଅଭିନୟ କରିଥିବା ଏକ ସିନେମାର ଶୁଟିଂକୁ କିଛି ସମୟ ବନ୍ଦ ରଖିବାକୁ ପଡିଥିଲା। ଥରେ ଶଟ୍ ଦେବାକୁ ଯିବା ବେଳକୁ ମୋର ଆଖି ଗୋଟିଏ ଅସରପା ଉପରେ ପଡିଯାଇଥିଲା। ତା'ପରେ ମୁଁ ଶଟ୍ ଦେବି କ'ଣ ଭୟରେ କ୍ୟାମେରା ସାମନାରୁ ଦୌଡି ପଳାଇ ଆସିଥିଲି।' ବର୍ତ୍ତମାନ କ୍ରିତିଙ୍କ ହାତରେ ୨-୩ଟି ନୂଆ ଅଫର ରହିଛି। ଏ ନେଇ ସେ ଭଲ ଭାବରେ ତର୍ଜମା କରିବା ପରେ ଯାହା ନିଷ୍ପତ୍ତି ନେବେ ବୋଲି ସୂଚନା ଦେଇଛନ୍ତି।

# ଦୋଛକିରେ ପରିଣିତି


ପରିଣିତି

କଥାରେ ପରା ଅଛି– 'ବୋହି ଗଲା ପାଣି ଆଉ ଧନୁରୁ ତୀର ଖସିଲା ପରେ ତାହା ଆଉ ଫେରିଆସେନା।' ଦେଖୁନାହାନ୍ତି, ଯେତେବେଳେ ପରିଣିତି ଚୋପ୍ରାଙ୍କୁ ଏକ ନୂଆ ଅଫର ମିଳିଲା ସେତେବେଳେ ସେ ରାଜି ହୋଇଥିଲେ। ହେଲେ କିଛି ଦିନ ପରେ ପୁଣି ଥରେ ମନ ବଦଳାଇ ଏଥିରେ ଆକ୍ଟିଂ କରିପାରିବେ ନାହିଁ ବୋଲି ପ୍ରଯୋଜନା ସଂସ୍ଥାକୁ ଜଣାଇ ଦେଇଥିଲେ। ହେଲେ ସେତେବେଳେ ସବୁକିଛି ଓଲଟ ପାଲଟ ହୋଇ ଯାଇଥିଲା। ଏ ନେଇ ପରିଣିତି କହନ୍ତି, 'ପ୍ରଥମେ ମୁଁ ସେଥିରେ ଆକ୍ଟିଂ କରିବି ବୋଲି ରାଜି ହୋଇଥିଲି। ହେଲେ ପରେ ଏଥିରେ ଅଭିନୟ କରିପାରିବି ନାହିଁ ବୋଲି ପ୍ରଯୋଜନା ସଂସ୍ଥାକୁ ଜଣାଇଦେଇଥିଲି। ଏବେ ସେମାନେ ମୋତେ ପୁଣି ଥରେ ମୋତେ ଭଲ ଭାବରେ ଚିନ୍ତା କରି ନିଷ୍ପତ୍ତି ନେବାକୁ ସୁଯୋଗ ଦେଇଛନ୍ତି। ତା'ସହ ମୋତେ ଏଥିପାଇଁ ଦୁଇ ସପ୍ତାହ ସମୟ ମଧ୍ୟ ଦେଇଛନ୍ତି।' ତେବେ ଏ ବିଷୟରେ ଜାଣିବା ପାଇଁ ଅନ୍ତତଃ ଦୁଇ ସପ୍ତାହ ଅପେକ୍ଷା କରିବାକୁ ହିଁ ପଡିବ।

# ପ୍ରେମ ଲେଖିଦେଲି ତୋ ନାଁରେ


ପ୍ରେମ–ସସ୍ମିତା

ଏକ ଭିନ୍ନଧରର ଟିନ୍ ଏଜ୍ ପ୍ରେମ କାହାଣୀକୁ ନେଇ ନିର୍ମିତ ହେବାକୁ ଯାଉଛି ନୂଆ ଓଡ଼ିଆ ସିନେମା 'ପ୍ରେମ ଲେଖିଦେଲି ତୋ ନାଁରେ'। ଓଲିଉଡ୍‌ର ଆଗଧାଡିର ପ୍ରଯୋଜକ ଯୋଡି ସଚ୍ଚିକାନ୍ତ ଜେନା–ବିନ୍ନି ପଟ୍ଟନାୟକ ଏହାର ପ୍ରଯୋଜନା କରୁଛନ୍ତି। ନିକଟରେ ଏହାର ମହୁରତ ଅନୁଷ୍ଠିତ ହୋଇଯାଇଛି। ଚିତ୍ରଟିର ନିର୍ଦ୍ଦେଶନା ଭାର ସମ୍ଭାଳୁଛନ୍ତି ସତ୍ୟ ରଞ୍ଜନ ମିଶ୍ର। ଖାସ୍ କଥା ହେଲା କିଛି ବର୍ଷର ଗ୍ୟାପ୍ ପରେ ବରିଷ୍ଠ ସଙ୍ଗୀତ ନିର୍ଦ୍ଦେଶକ ପ୍ରଶାନ୍ତ ପାଢ଼ୀ ଏହି ଫିଲ୍ମରେ ସଂଯୋଜିତ ଗୀତଗୁଡିକୁ ସ୍ୱର ଦେଇଛନ୍ତି। ଏ ସମ୍ପର୍କରେ ସେ କହନ୍ତି, 'କାହାଣୀ ଅନୁସାରେ ଏଥିରେ ରୋମାଣ୍ଟିକ ଗୀତ ପରିକଳ୍ପନା କରାଯାଇଛି। ତାହା କିପରି ଉଭୟ ଶ୍ରୋତା ଏବଂ ଦର୍ଶକଙ୍କୁ ପ୍ରଭାବିତ କରିପାରିବ ସେ ନେଇ ମ୍ୟୁଜିକ କମ୍ପୋଜିଙ୍ଗ ସମୟରେ ଯଥେଷ୍ଟ ଗୁରୁତ୍ୱ ଦେଇଛି।' ଏହି ଚଳଚ୍ଚିତ୍ରରୁ ନୂଆ ଯୋଡି ପ୍ରେମ–ସସ୍ମିତା ନିଜର ଓଲିଉଡ୍ କ୍ୟାରିୟର ଆରମ୍ଭ କରିବାକୁ ଯାଉଛନ୍ତି। ଏମାନଙ୍କ ବ୍ୟତୀତ ମୁନ୍ ଟିଭି ମୁଭିଜ ବ୍ୟାନରରେ ପ୍ରସ୍ତୁତ ହେବାକୁ ଯାଉଥିବା ଉକ୍ତ ସିନେମାରେ ପୂଜା, ଆଶୁତୋଷ, ରବି ମିଶ୍ର, ଦେବଦତ୍ତ ଏବଂ ତପସ୍ୱିନୀ ପ୍ରମୁଖ କଳାକାରଙ୍କୁ ଦେଖିବାକୁ ମିଳିବ। ଏହାର କ୍ରିଏଟିଭ ହେଡ୍ ଅଛନ୍ତି ପ୍ରଣୟ ଜେଠୀ।

# ଏକାଥରେ ହ୍ୟାଟ୍ରିକ

କଥାରେ ଅଛି–ଅପେକ୍ଷାର ଫଳ ମିଠା। ହେଲେ ସେ ପର୍ଯ୍ୟନ୍ତ ଧୈର୍ଯ୍ୟର ସହ ଅପେକ୍ଷା କରିବାର ଅଛି। କଥା କ'ଣ କି ନୁସରତ ଭରୁଚା ଏବେ ଦିନ ଗଣିବା ଆରମ୍ଭ କରିଦେଇଛନ୍ତି। କାରଣ ଚଳିତ ବର୍ଷ ଶେଷ ଭାଗରେ ସେ ଲଗାତର ତିନୋଟି ନୂଆ ପ୍ରୋଜେକ୍ଟ ସାଇନ୍ କରିବାର ଯୋଜନା ରହିଛି। ଯେତେବେଳେ ଏ ନେଇ ସଂପୃକ୍ତ ପ୍ରଯୋଜନା ସଂସ୍ଥା ପକ୍ଷରୁ ତାଙ୍କୁ ସୁଚନା ଦିଆଗଲା, ସେତେବେଳେ ତାଙ୍କର ଖୁସି ଦେଖେ କିଏ। ପୁଣି ଏହି ତିନୋଟି ଫିଲ୍ମ ମଧ୍ୟରୁ ଗୋଟିଏ ଚିତ୍ରରେ ସେ ଡବଲ ରୋଲ୍‌ରେ ଅଭିନୟ କରିବାକୁ ଯାଉଛନ୍ତି। ଏ ସମ୍ପର୍କରେ ନୁସରତ କହନ୍ତି, 'ଗୋଟିଏ ବ୍ୟାନରରେ ନିର୍ମିତ ହେବାକୁ ଯାଉଥିବା ତିନୋଟି ଫିଲ୍ମରେ ମୁଁ ଆକ୍ଟିଂ କରିବାକୁ ଯାଉଛି। ଯେତେବେଳେ ମୋତେ ଏହି ଅଫରଟି ମିଳିଲା ତାହାକୁ ମୁଁ ସହଜରେ ବିଶ୍ୱାସ କରିପାରି ନ ଥିଲି। ତେବେ ଏଥିରେ ମୋତେ ମିଳିଥିବା ଭୂମିକାକୁ କିପରି ଶତ ପ୍ରତିଶତ ଜଷ୍ଟିସ ଦେବି ସେ ନେଇ ଚେଷ୍ଟା କରିବି। ଖାସ୍ କଥା ହେଲା ଖୁବ୍ ଶୀଘ୍ର ନୁସରତ ପରଦା ଉପରେ କମେଡି କରିବାର ଦର୍ଶକ ଦେଖିବାକୁ ପାଇବେ। ଏପରି ଏକ ନୂଆ ପ୍ରୋଜେକ୍ଟ ପାଇଁ କଥାବାର୍ତ୍ତା ଚାଲିଛି ବୋଲି ସୂଚନା ଦେଇଛନ୍ତି ସେ।

# ସ୍ଲିମ୍ ଟ୍ରିମ୍ ରହସ୍ୟ

ଶ୍ରୀଲଙ୍କା ସୁନ୍ଦରୀ ଜ୍ୟାକଲିନ୍ ଫର୍ନାଣ୍ଡିସ ନିଜ ଫିଟ୍‌ନେସ୍‌କୁ ନେଇ ବେଶ୍ ସଚେତନ। ପ୍ରତିଦିନ ଯେତେ ବ୍ୟସ୍ତ ରହିଲେ ମଧ୍ୟ ସେ ଏକ୍ସରସାଇଜ କରିବାକୁ ଭୁଲି ନ ଥାନ୍ତି। ତା'ସହ ନିୟମିତ ଯୋଗ, ପ୍ରାଣାୟାମ ମଧ୍ୟ କରିଥାଆନ୍ତି। ନିଜର ସ୍ଲିମ୍ ଟ୍ରିମ୍ ରହସ୍ୟ ବିଷୟରେ ଜ୍ୟାକଲିନ୍ କହନ୍ତି, 'ମୁଁ ସବୁବେଳେ ମୋ ଫିଟ୍‌ନେସ୍‌କୁ ନେଇ ସଚେତନ ଥାଏ। ନିୟମିତ ଏକ୍ସରସାଇଜ ବ୍ୟତୀତ ଖାଦ୍ୟପେୟ ପ୍ରତି ସତର୍କ ରହେ। ପ୍ରତିଦିନ କେତେବେଳେ ମୋତେ ଖାଦ୍ୟ ଖାଇଲେ ତାହା ମୋ ପାଇଁ ଉପକାରୀ ହେବ ସେଥିପାଇଁ ଟାଇମଟେବୁଲ ପ୍ରସ୍ତୁତ କରିଛି। ଏହାକୁ ସବୁବେଳେ ଅନୁସରଣ କରିଥାଏ। ଏହାବ୍ୟତୀତ ନିୟମିତ ସମୟ ଅନ୍ତରାଳରେ ମୋର ଫିଜିକାଲ ଫିଟ୍‌ନେସ୍ ଠିକ୍ ଅଛି କି ନାହିଁ ସେ ନେଇ ଫିଜିଓଙ୍କ ସହ ଆଲୋଚନା କରିଥାଏ।' ଇଏ ତ ଗଲା ତାଙ୍କର ଫିଟନେସ ରହସ୍ୟ। ହେଲେ ଗୋଟିଏ ଜିନିଷକୁ ସେ ପ୍ରାୟ ଖାଇବାକୁ ପସନ୍ଦ କରିଥାଆନ୍ତି। ତାହା ହେଲା ଚକୋଲେଟ୍। ମାଇଣ୍ଡ ଫ୍ରେସ କରିବାକୁ ସେ ପ୍ରାୟ ସବୁବେଳେ ନିଜ ପାଖରେ ଭଲ ବ୍ରାଣ୍ଡର ଚକୋଲେଟ୍ ରଖିଥାଆନ୍ତି। ଜ୍ୟାକଲିନ୍‌ଙ୍କ ଅଭିନୀତ ଚାରୋଟି ଫିଲ୍ମ ରିଲିଜ ଅପେକ୍ଷାରେ ରହିଛି। ଅନୁପ ଭଣ୍ଡାରୀଙ୍କ ନିର୍ଦ୍ଦେଶିତ 'ବିକ୍ରାନ୍ତ ରୋଣା' ଚଳିତ ମାସ ୨୮ରେ ମୁକ୍ତିଲାଭ କରିବାକୁ ଯାଉଥିବା ବେଳେ ଅକ୍ଷୟ କୁମାର ଅଭିନୀତ 'ରାମ ସେତୁ' ଚଳିତ ବର୍ଷ ଅକ୍ଟୋବରରେ, ରେମୋ ଡିସୌଜାଙ୍କ ନିର୍ଦ୍ଦେଶନାରେ ପ୍ରସ୍ତୁତ 'ଡ୍ୟାନ୍ସିଂ ଡ୍ୟାଡ୍' ଡିସେମ୍ବର ୪ ଏବଂ 'ହମାରି ସାଦି' ଡିସେମ୍ବର ୧୬ରେ ପରଦା ଉପରକୁ ଆସିବ।

# ପୁଣି ଥରେ ଖାକି ଅବତାର

ଆୟୁଷ୍ମାନ ଖୁରାନା ଅଭିନୟ କ୍ଷେତ୍ରରେ କେତେ ପାରଙ୍ଗମ ତାହା କହିବା ଅନାବଶ୍ୟକ। କାରଣ ସେ ଭିନ୍ନ ଭିନ୍ନ ଭୂମିକାରେ ଅଭିନୟ କରି ନିଜର ଅଭିନୟ ଦକ୍ଷତାର ପ୍ରମାଣ ଦେଇସାରିଛନ୍ତି। ବର୍ତ୍ତମାନ ତାଙ୍କୁ ଯେଉଁ ଅଫଟି ମିଳିଛି ସେଥିରେ ତାଙ୍କୁ ପୁଣି ଥରେ ପୋଲିସ ଭୂମିକା ମିଳିଛି। ହେଲେ ଏହାପୂର୍ବରୁ ନିର୍ମାଣାଧୀନ 'ଅନେକ୍' ଫିଲ୍ମରେ ତାଙ୍କୁ ଏଭଳି ଭୂମିକାରେ ଦେଖିବାକୁ ମିଳିବ। ଏ ସମ୍ପର୍କରେ ଆୟୁଷ୍ମାନ କହନ୍ତି, ଭୂମିକା ଯେପରି ହେଉ ନା କାହିଁକି ମୁଁ କାହାକୁ ହାଲ୍‌କା ଭାବରେ ନେଇ ନ ଥାଏ। ମୋତେ ମିଳିଥିବା ପ୍ରତିଟି ଭୂମିକାକୁ କିପରି ଶତ ପ୍ରତିଶତ ଜଷ୍ଟିସ ଦିଆଯାଇପାରିବ ସେଥିପ୍ରତି ସବୁବେଳେ ସ୍ୱତନ୍ତ୍ର ଦୃଷ୍ଟି ଦେଇଥାଏ। ଏବେ ତ 'ଅନେକ'ରେ ପୋଲିସ୍ ଅଫିସର ଭୂମିକାରେ ଅଭିନୟ କରୁଛି। ପୁଣି ଏକ ନୂଆ ସିନେମାରେ ଏପରି ଭୂମିକା ମିଳିଛି। ତାହା ମୋ ପାଇଁ ଭଲ ସୂଚନା।' ଏକ ରାଜନୈତିକ ଘଟଣାକୁ ଆଧାର କରି 'ଅନେକ'ର କାହାଣୀ ଗତିଶୀଳ। ଏଥିରେ ଜଣେ କର୍ତ୍ତବ୍ୟନିଷ୍ଠ ପୋଲିସ ଅଫିସର ଭୂମିକାରେ ଆୟୁଷ୍ମାନଙ୍କୁ ଦେଖିବାକୁ ମିଳିବ। କାରଣ ପ୍ରଥମ ଥ ର ପାଇଁ ସେ ଏଭଳି ରୋଲ୍‌ରେ ଦେଖିବାକୁ ମିଳିବେ। ସମଗ୍ର ଦେଶକୁ ଏକତ୍ର କରିବାକୁ ଜଣେ ବ୍ୟକ୍ତି କିପରି ଚେଷ୍ଟା କରୁଛି ଏବଂ ରାଜନୀତି ପଶପାଲିରେ ସେ କେମିତି ଛନ୍ଦି ହୋଇଯାଉଛି ତାହା ଏହି ଫିଲ୍ମରେ ଦେଖିବାକୁ ମିଳିବ।



ଆୟୁଷ୍ମାନ


ଜ୍ୟାକଲିନ୍


ନୁସରତ

## ପ୍ରଥମ ରୋଜଗାର

# ପ୍ରଥମ ଦରମା ଟଙ୍କା ବାପାଙ୍କୁ ଦେଇଥିଲି



ଲେଖକ **ଜନାର୍ଦ୍ଦନ ବନ୍ଦ୍ୟୋପାଧ୍ୟାୟ** ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

**ବା**ଲେଶ୍ୱର ଜିଲା ଜଳେଶ୍ୱର ଥାନା ଅନ୍ତର୍ଗତ ପଶ୍ଚିମବାଡ଼ ଗ୍ରାମରେ ମୋର ଜନ୍ମ। ବର୍ତ୍ତମାନ ମୋତେ ବୟସ ୮୧ବର୍ଷ। ବାପା ଥିଲେ ବେଦଜ୍ଞ ବ୍ରାହ୍ମଣ ପୁରୋହିତ। କିନ୍ତୁ ସ୍ୱଳ୍ପ ରୋଜଗାରରେ ପରିବାର ଚଳାଇବା ତାଙ୍କ ପକ୍ଷେ ଥିଲା କଷ୍ଟକର। ଅନ୍ୟପକ୍ଷେ ମା' ଥିଲେ ଜଣେ ଅତ୍ୟନ୍ତ ଧର୍ମଶୀଳା ଓ ଦୟାବତୀ ମହିଳା। ଅଭାବୀ ସଂସାର ଭିତରେ ବି କ୍ଷୁଧାର୍ତ୍ତଙ୍କୁ ଅନ୍ନଦାନ ଏବଂ ନିଃସହାୟଙ୍କୁ ସାହାଯ୍ୟ କରିବା ଥିଲା ତାଙ୍କର ଚରିତ୍ରଗତ। ସେଥିପାଇଁ ସମସ୍ତେ ତାଙ୍କୁ ଶ୍ରଦ୍ଧା କରୁଥିଲେ। ମା'ଙ୍କର ଉତ୍ତମ ସ୍ୱଭାବ ମୋ ଜୀବନକୁ ବିଶେଷ ଭାବରେ ପ୍ରଭାବିତ କରିଥିଲା। ଆମେ ଚାରି ଭାଇ ଭିତରୁ ମୁଁ ଥିଲି ବଡ଼। ପଢ଼ାପଢ଼ିରେ ବିଶେଷ ପରିଶ୍ରମୀ ନ ଥିଲେ ବି ଜଣେ ମେଧାବୀ ଛାତ୍ର ଭାବେ ସେତେବେଳେ ମୋର ପରିଚୟ ଥିଲା। ଗାଁ ସ୍କୁଲରେ ଉଚ୍ଚ ପ୍ରାଥମିକରେ ପ୍ରଥମ ହୋଇଥିଲି ଏବଂ ସେତେବେଳେ ଏମ୍.ଇ. (ନିମ୍ନ ମାଧ୍ୟମିକ)ରେ ଲକ୍ଷ୍ମଣନାଥ ସେଣ୍ଟରରେ ମଧ୍ୟ ପ୍ରଥମ ସ୍ଥାନ ଅଧିକାର କରିଥିଲି। ତା'ପରେ ଅର୍ଥାଭାବରୁ ତିନୋଟି ହାଇସ୍କୁଲରେ ପଢି ମାଟ୍ରିକ୍ ପାସ୍ କଲି। ଅଭାବ ଭିତରେ ବି ବାପା ବହୁ କଷ୍ଟ କରି ମୋତେ ପଢ଼ାଉଥିଲେ। ତେଣୁ ବାପା ମା'ଙ୍କର ଅଭାବ ଦୂର କରିବା ଏବଂ ସାନଭାଇମାନଙ୍କ ଦାୟିତ୍ୱ ନେଇ ସେମାନଙ୍କୁ ମଣିଷ କରିବା ଥିଲା ମୋ ଜୀବନର ମୁଖ୍ୟ ଉଦ୍ଦେଶ୍ୟ। ସେଥିପାଇଁ ୧୯୫୮ ମସିହାରେ ବାଲିଆପାଳ ସୁବର୍ଣ୍ଣରେଖା ହାଇସ୍କୁଲରୁ ମାଟ୍ରିକ୍ (ଏକାଦଶ ଶ୍ରେଣୀ) ପାସ୍ କରିବା ପରେ ବାରିପଦା ଏମ୍.ପି.ସି. କଲେଜରେ ଆଇ.ଏସ୍‌ସି. ପଢ଼ିବାକୁ ନାଁ ଲେଖାଇଥିଲି। କିନ୍ତୁ ଅର୍ଥାଭାବ ଯୋଗୁ ଅଧାରୁ ପାଠ ଛାଡ଼ିବାକୁ ପଡ଼ିଲା। ତା'ପରେ ପିଲାଙ୍କୁ ଟ୍ୟୁଶନ କରିବା ସହ ଚାକିରି ପାଇଁ ଚେଷ୍ଟା କଲି। ୧୯୬୦ରେ ମୟୂରଭଞ୍ଜ କଲେକ୍ଟୋରେଟ୍‌ରେ କିରାଣି ଚାକିରିଟିଏ ପାଇଲି। ଦରମା ମାସକୁ ୮୦ ଟଙ୍କା। ବାରିପଦାରେ ଦାଦା-ଖୁଡ଼ୀଙ୍କ ଘରେ ରହି ଚାକିରି କରୁଥିବାରୁ, ପ୍ରଥମ ଦରମା ପାଇଲା ପରେ କିଛିଟଙ୍କା ସେମାନଙ୍କୁ ଦେଇଥିଲି। କାରଣ ତାଙ୍କର ବି ଥିଲା ଅଭାବୀ ସଂସାର। ତା'ପରେ ୪୦ ଟଙ୍କା ବାପାଙ୍କ ପାଖକୁ ମନିଅର୍ଡର କରିଥିଲି। ଘର ପାଇଁ ଏତିକି କରିଥିବାରୁ ମନକୁ ଯେଉଁ ଆତ୍ମସନ୍ତୋଷ ମିଳିଥିଲା, ତାହା ମୋତେ ପ୍ରେରଣା ଦେଇଥିଲା ଦୀର୍ଘ ୩୦ବର୍ଷ କାଳ ବାପା ମା' ଓ ପରିବାରର ଭରଣପୋଷଣ ପାଇଁ ନିଜକୁ ନିୟୋଜିତ କରିବାକୁ । ବାରିପଦାରୁ ଉଦଳା ଏବଂ ସେଠାରୁ ଭୁବନେଶ୍ୱର ସେକ୍ରେଟାରିଏଟ୍ ଗୋଟିଏ ଦୀର୍ଘ ସଂଘର୍ଷର ଇତିହାସ। ଅବଶ୍ୟ ତା'ରି ଭିତରେ ୧୯୬୬ରେ ମୋର ବାହାଘର। ସହଧର୍ମିଣୀ ମଧ୍ୟ ଭୁବନେଶ୍ୱର କୃଷି ନିର୍ଦ୍ଦେଶାଳୟରେ ଜଣେ ସହକାରୀ ଭାବେ କାର୍ଯ୍ୟରତା ଥିଲେ। ସାରା ଜୀବନ ସେ ମୋର ଦାୟିତ୍ୱର ଭାଗୀଦାର ହୋଇ କାର୍ଯ୍ୟ କରିଛନ୍ତି। ଏପରିକି ତାଙ୍କରି ପ୍ରେରଣାରେ ମୁଁ ପୁଣିଥରେ ପଢ଼ି ଭୁବନେଶ୍ୱର ସାନ୍ଧ୍ୟ କଲେଜରୁ ପ୍ରଥମ ଶ୍ରେଣୀରେ ପ୍ରିୟୁନିଭରସିଟି, ଫାଷ୍ଟ ଇୟର୍ ଡିଗ୍ରୀ ଏବଂ ଡିଷ୍ଟିଙ୍ଗ୍‌ଶନ୍ ସହିତ ବି.ଏ. ପାସ୍ କରିପାରିଥିଲି। ସେହିପରି ଲେଖାଲେଖିର ଅଭ୍ୟାସ ପ୍ରଥମରୁ ମୋର ନ ଥିଲା। ଠାକୁର ଅନୁକୂଳ ଚନ୍ଦ୍ରଙ୍କ ଦୀକ୍ଷା ଗ୍ରହଣ କଲା ପରେ ଲେଖିବା ପାଇଁ ଭିତରୁ ଗୋଟିଏ ପ୍ରେରଣା ଅନୁଭବ କଲି। ବାସ୍ ସେବେଠାରୁ ସତ୍‌ସଙ୍ଗର ବିଭିନ୍ନ ପତ୍ରପତ୍ରିକାରେ ଏପରିକି ବିଭିନ୍ନ ଖବରକାଗଜରେ ଓଡ଼ିଆ, ବଙ୍ଗଳା ଏବଂ ଇଂଲିଶ ଭାଷାରେ ମୋର ଅନେକ ପ୍ରବନ୍ଧ ପ୍ରକାଶିତ ହେଲା ; ଆଉ ତାହା ପାଠକଙ୍କ ଦ୍ୱାରା ଆଦୃତି ମଧ୍ୟ ଲାଭ କଲା। ସେଥିପାଇଁ ମୁଁ କୃତଜ୍ଞ।

# ଭାବନା ରାଇଜେ ଘୁରୁଛି ମନ, କେବେ ସତ ହେବ ମୋ ସପନ

ସାଥୀ



**ପ୍ରଶ୍ନ**–ଜଣେ ସୁନ୍ଦରୀ ମୋ ମନରେ ଘର କରିସାରିଛି। ତା' କଥା ଭାବି ଭାବି ମୋ ଦିନ ବିତି ଯାଉଛି। ତାକୁ ଯଦି ମନର ମାନସୀ ଭାବରେ ପାଇବି ତା'ହେଲେ ମୋ ପ୍ରେମ ସାର୍ଥକ ହେବ। ହେଲେ ଏପରି ପ୍ରେମରେ କେମିତି ଆଗେଇବି ଜାଣିପାରୁନାହିଁ। କ'ଣ କରିବି ?

*–ସୁଜିତ କୁମାର ସାହୁ, ନୟାଗଡ*

**ଉତ୍ତର:** ଆପଣଙ୍କ ପ୍ରଶ୍ନରୁ ଜଣାପଡୁଛି ଯେ, ଯାହାକୁ ଆପଣ ନିଜ ମନ ଭିତରେ ସ୍ଥାନ ଦେଇସାରିଛନ୍ତି ତାହାର ଠିକଣା ବୋଧହୁଏ ଆପଣଙ୍କୁ ମାଲୁମ ନାହିଁ। ଆପଣଙ୍କ ମନ ଭିତରେ ଉଦବେଳିତ ହେଉଥିବା କଥାଗୁଡିକ ସେହି ମନ ଭିତରେ ଚାପି ହୋଇରହିଛି। 'ଭାବନା ରାଇଜେ ଘୁରୁଛି ମନ, କେବେ ସତ ହେବ ମୋ ସପନ।' ଯଦି ସମ୍ଭବ ତେବେ ତାହାର ଠିକଣା ପାଇବାକୁ ଚେଷ୍ଟା କରନ୍ତୁ। ଯଦି କେବେ ଅକସ୍ମାତ ଦେଖାସାକ୍ଷାତ ହୁଏ, ତେବେ ଏପରି ତୀର ମାରନ୍ତୁ ଯେମିତି ଆପଣ ସେହି ସୁନ୍ଦରୀ ମନ ଭିତରେ ପରମାନେଣ୍ଟ ଘର କରିପାରିବେ।

**ପ୍ରଶ୍ନ**–ଜଣେ ରୂପସୀ ମୋତେ ସବୁବେଳେ କଣେଇ କଣେଇ ଚାହୁଁଛି। ହେଲେ ତାକୁ ଯଦି ମୋ ମନର କଥା କୁହେ, ସେ ତାକୁ ଗ୍ରହଣ କରିବ କି ?

*–ବିଜୟ ମଲ୍ଲିକ, ବ୍ରହ୍ମପୁର*

**ଉତ୍ତର:** ସେହି ରୂପସୀର ଚୋରା ଚାହାଣୀରେ ହୁଏତ ପ୍ରେମର ପହିଲି ସଙ୍କେତ ଲୁଚି ରହିଛି। ମନକୁ ଥଣ୍ଡା କରି ତାହାକୁ ଭଲ ଭାବରେ ତର୍ଜମା କରନ୍ତୁ। ଯଦି ପ୍ରେମ କରିବାକୁ ଅଣ୍ଟା ଭିଡିଛନ୍ତି ତେବେ ମନରେ କୌଣସି ପ୍ରଶ୍ନବାଚୀ ରଖନ୍ତୁ ନାହିଁ। ଏପରି ବଲ ପକାନ୍ତୁ ଯେମିତି ଆପଣଙ୍କ ପ୍ରେମିକା ଏକାଥରେ କ୍ଲିନ୍ ବୋଲ୍ଡ ହୋଇଯିବ।

**ପ୍ରଶ୍ନ**–ପ୍ରେମର ସ୍ୱାଦ କିପରି କହିବେ କି ସାଥୀ ?

*–ବିକାଶ, କେନ୍ଦ୍ରାପଡା*

**ଉତ୍ତର:** ଯିଏ ସଚ୍ଚା ଦିଲ୍‌ରେ ପ୍ରେମ କରିଛି ସେ ହିଁ ପ୍ରେମର ଅସଲ ଚାର୍ମ କ'ଣ ତାହା ଜାଣିପାରିଛି। ଯଦି ପ୍ରେମ କେବଳ ନାମକୁ ମାତ୍ର କରୁଥାଆନ୍ତି ତେବେ ତାହା ସବୁବେଳେ ପାଣିଚିଆ ଲାଗିଥାଏ। ତେଣୁ ନିଜ ପ୍ରେମ ଆଉ ପ୍ରେମିକା ଉପରେ ଶତ ପ୍ରତିଶତ ବିଶ୍ୱାସ ରଖନ୍ତୁ। କଥାରେ ଅଛି–ପ୍ୟାର୍ କା ଲଡ୍ଡୁ, ଜୋ ଖାୟା ପସ୍ତାୟା, ଜୋ ନେହିଁ ଖାୟା ୱ ଭି ପସ୍ତାୟା। ପ୍ରେମରେ ଯେମିତି ଅବିଶ୍ୱାସର ଭାଇରସ ଏଣ୍ଟ୍ରି ନ କରେ ସେଥିପ୍ରତି ସତର୍କ ରୁହନ୍ତୁ।

**ପ୍ରଶ୍ନ**–ଜଣକ କଥାରେ ପଡି ମୁଁ ଜଣେ ଝିଅକୁ ଭଲ ପାଇଲି। ବେଶ୍ କିଛି ମାସ ଆମର ପ୍ରେମ ଆଗକୁ ଆଗେଇଲା। ହେଲେ ଏବେ ମୋ ପ୍ରେମିକା ମୋଠାରୁ ଦୂରେଇ ଯିବାକୁ ଚାହୁଁଛି। ଏବେ ମୁଁ ଏହି ସମସ୍ୟାର ସମାଧାନ କିପରି କରିବି ?

*–ପ୍ରକାଶ, କଟକ*

**ଉତ୍ତର:** ଯେତେବେଳେ ସାଙ୍ଗ କଥାରେ ପଡି ସେହି ସୁନ୍ଦରୀକୁ ଭଲ ପାଇ ବସିଲେ, ସେତେବେଳେ ସେ ନେଇ ଗଭୀର ଭାବରେ ଚିନ୍ତା କରିବାର ଥିଲା। ପ୍ରେମିକା ଚଏସ କରିବା ସମୟରେ ବୋଧହୁଏ କିଛି ଭୁଲ ଭଟକା ରହିଯାଇଛି। ଆପଣଙ୍କ ପ୍ରେମିକା ଆପଣଙ୍କଠାରୁ ଦୂରେଇ ଯିବାକୁ ଚାହୁଁଛି। ଯଦି ଏକଥା ସତ ହୋଇଥାଏ, ତେବେ ସେଭଳି ପ୍ରେମ ଆଉ ପ୍ରେମିକା ଉପରେ ଭରସା କରିବା ଠିକ୍ ନୁହେଁ। କାରଣ ସେ ହୁଏତ ଅଧା ବାଟରେ ଆପଣଙ୍କ ହାତ ଛାଡି ଦେବାର ଯଥେଷ୍ଟ ସମ୍ଭାବନା ରହିଛି। ତେଣୁ ପୂର୍ବରୁ ସତର୍କ ରହିବା ନିହାତି ଜରୁରୀ।

# "ହର ହର ଶମ୍ଭୁ ଶିବ ମହାଦେବା"

ଆଜିକାଲି ସୋସିଆଲ ମିଡିଆର ଗୁରୁତ୍ୱ ବଢ଼ିଯାଇଛି। ତନ୍ମଧ୍ୟରୁ ୟୁଟ୍ୟୁବର ବ୍ୟବହାର ସର୍ବାଧିକ। ଏଥିରେ ଦେଶବିଦେଶର ବିଭିନ୍ନ ପ୍ରକାରର ଖବର ସହ ମନୋରଞ୍ଜନ ଏବଂ ନିଜ ରୁଚି ଅନୁଯାୟୀ ଯେ କୌଣସି ଜିନିଷ ଦେଖିବାକୁ ମିଳିପାରୁଛି। କେବଳ ସେତିକି ନୁହେଁ ଆଜିକାଲି ଏହା ରୋଜଗାରର ବି ଅନ୍ୟତମ ମାଧ୍ୟମ ପାଲଟିବା ସହ ଜଣକୁ ୟୁଟ୍ୟୁବର ର ପରିଚୟ ମିଳିପାରୁଛି। ସେମିତି ଜଣେ ୟୁଟ୍ୟୁବର ହେଲେ କେନ୍ଦୁଝର ବଡ଼ବିଲ ଅଞ୍ଚଳର ଜୀତୁ ଶର୍ମା। ନିକଟରେ ସେ ଏକ ଧାର୍ମିକ ସଂଗୀତ ଭିଡିଓ ପ୍ରସ୍ତୁତ କରିଛନ୍ତି; ଯାହାକି ଶିବଙ୍କ ସ୍ତୋତ୍ର ଉପରେ ଆଧାରିତ। ଏଥିରେ ତାଙ୍କ ସହ କଣ୍ଠଦାନ କରିଛନ୍ତି ବଡବିଲ ନିକଟ କଳିଙ୍ଗ ଅଞ୍ଚଳର ଅଭିଲିପ୍ସା ପଣ୍ଡା। ଏବେ ସୁଦ୍ଧା ଏହି ଭିଡିଓଟିର ଦର୍ଶକ ସଂଖ୍ୟା ପାଖାପାଖି ୬୧ ମିଲିଅନରେ ପହଁଚିଛି । ଉକ୍ତ ଭିଡିଓର ନାମ ହର ହର ଶମ୍ଭୁ ଶିବ ମହାଦେବା ରଖାଯାଇଛି। ଏଥିରେ ଜୀତୁ ନିଜେ ଗୀତ ଲେଖିବା ସହ ଗାଇଛନ୍ତି।





ଜଣେ ସାଧାରଣ ପରିବାରରେ ଜନ୍ମିତ ଜୀତୁଙ୍କର ଏକ ଜେରକ୍ସ ଦୋକାନ ରହିଛି। ଭିଡିଓରେ ଗୀତ ଗାଇ ସୋସିଆଲ ମିଡିଆରେ ଅପଲୋଡ କରିବା ତାଙ୍କର ଏକ ନିଶା । ଏଥିପାଇଁ ଧାର କରଜ ମଧ୍ୟ କରିଥାନ୍ତି। ବାପା ପରିବା ବ୍ୟବସାୟ କରୁଥିବାବେଳେ ମା' ଜଣେ ଗୃହିଣୀ । ତାଙ୍କ ସାନ ଭାଇ ଇଂଜିନିୟରିଂ ପଢୁଛନ୍ତି। ଏହି ନିଶା ତାଙ୍କର ବହୁତ ଆଗରୁ ରହିଥିଲା। ଏଥିପାଇଁ ସେ ବହୁତ ଖର୍ଚ୍ଚ କରିଥିଲେ ହେଁ ସଫଳ ହୋଇ ପାରି ନଥିଲେ। ପୂର୍ବରୁ ହିନ୍ଦି ଓ ନାଗପୁର ଆଦି ଗୀତ ଗାଇ ଅପଲୋଡ କରୁଥିଲେ। ତେବେ କୋଭିଡ ସମୟରେ ତାଙ୍କ ଉପରେ ସତେ ଯେପରି ପ୍ରଭୁ ଶିବଙ୍କର ଆର୍ଶୀବାଦ ପଡିଥିଲା, ସେ ୨୦୨୧ ମସିହାରେ ଆରମ୍ଭ କଲେ ଶିବଙ୍କ ଉପରେ ଆଧାରିତ ଭଜନ ଓ ସଂଗୀତ । 'ଭୋଲେନାଥ ତେରା ସାଥ' ଭଜନର ଭିଡିଓ ପ୍ରସ୍ତୁତ କଲେ । ଉକ୍ତ ଭିଡିଓକୁ ଗୋଟିଏ ମାସରେ ୧୦ ଲକ୍ଷ ଦର୍ଶକ ଦେଖିଲେ। ସେ କୁହନ୍ତି ଯେ, ଭାବିଲି ପ୍ରଭୁ ଭୋଳାଶଙ୍କର ହିଁ ଏହା ଚାହୁଁଛନ୍ତି, ମୁଁ ତାଙ୍କ ଭଜନ ଗାଏ। ତା'ପରେ 'ମେରି ପଗଲି କୋ ଯାନା କେଦାରନାଥ' ଭଜନର ଭିଡିଓ ପ୍ରସ୍ତୁତ କଲି। ତାହା ମଧ୍ୟ ସଫଳ ହେଲା। ଅଧିକ ପ୍ରସାର ପାଇଁ ଇନଷ୍ଟାଗ୍ରାମର ସହାୟତା ନେଲି। ତା'ପରେ ଚଳିତ ବର୍ଷ ଅପ୍ରେଲ ୨୭ରେ 'ହର ହର ଶମ୍ଭୁ ଶିବ ମହାଦେବା' ଏବଂ 'ମଂଜିଲେ କେଦାର ନାଥ' ଭଜନର ଭିଡିଓ ପ୍ରସ୍ତୁତ କରିବାକୁ ଚାହିଁଲି । ଏଣୁ ଶିବ ମହାଦେବଙ୍କ ସ୍ତୋତ୍ରକୁ ଭଜନ ଆକାରରେ ଲେଖି ଗୀତ ପ୍ରସ୍ତୁତ କଲି। ଏଥିରେ ପାଶ୍ଚାତ୍ୟ ଶୈଳୀ ଦେଇ ଫ୍ୟୁଜନ କରିବା ପାଇଁ ଉଦ୍ୟମ କଲି। ଏଥିପାଇଁ ମୋ ସହିତ ଗୀତ ଗାଇବାକୁ ସେହିଭଳି ପାଶ୍ଚାତ୍ୟ ଶୈଳୀରେ ଗୀତ ଗାଉଥିବା ଜଣେ ଗାୟିକା ଖୋଜିଲି। ଶେଷରେ ବଡବିଲ ଅଞ୍ଚଳର ରାଜ୍ୟପାଳ ଟ୍ରଫି ପାଇଥିବା ତଥା ଓଡିଶା ସୁପର ସିଙ୍ଗରରେ ଟପ୍ ୧୫ରେ ଥିବା ଓ ବିଭିନ୍ନ ରିୟାଲିଟି ସୋ'ରେ ଗୀତ ପରିବେଷଣ କରି ବେଶ୍ ଚର୍ଚ୍ଚିତ ହୋଇଥିବା ଅଭିଲିପ୍ସା ପଣ୍ଡାଙ୍କ ସହ ଯୋଗାଯୋଗ କଲି। ଗୀତକୁ ନୂଆ ରୂପ ଦେଇ ୟୁଟ୍ୟୁବରେ ଅପଲୋଡ କରାଯିବା ପରେ ଏହା ରାତା ରାତି ଭାଇରାଲ ହୋଇଗଲା। ଏହି ଗୀତରେ ଶ୍ଳୋକକୁ ପାଶ୍ଚାତ୍ୟ ଶୈଳୀରେ ଗାଇ ଥିବାରୁ ଅନେକ ଏହାକୁ ଖୁବ୍ ପ୍ରଂଶସା କରୁଛନ୍ତି। ମୁଁ ଆଶା ରଖିଛି ଆଗାମୀ ଦିନରେ ଅନ୍ୟ ସମସ୍ତ ଦେବାଦେବୀଙ୍କ ସ୍ତୋତ୍ରଗୁଡିକୁ ନୂଆ ଶୈଳୀରେ ଗାଇ ଶୁଭେଛୁ ଓ ଶ୍ରୋତା ମାନଙ୍କୁ ଭେଟି ଦେବି। ବିଲୁପ୍ତ ହୋଇଯାଉଥିବା ବିଭିନ୍ନ ଦେବାଦେବୀଙ୍କ ସ୍ତୋତ୍ରକୁ ନୂଆ ରୂପରେ ଲୋକଙ୍କ ପାଖରେ ବିଶେଷ କରି ଯୁବପିଢୀଙ୍କ ପାଖରେ ପହଁଚାଇବା ହେଉଛି ମୋର ମୁଖ୍ୟ ଉଦ୍ଦେଶ। ଯେ କୌଣସି ଗୀତ ଗାଇଲେ ପଇସା ତ ରୋଜଗାର କରିହେବ। କିନ୍ତୁ ମୋର ଉଦ୍ଦେଶ୍ୟ ଥିଲା ଏମିତି କିଛି କରିବି; ଯେଉଁଥିରେ ରୋଜଗାର ସହ ଆମ ସଂସ୍କୃତି ଓ ପରମ୍ପରା ରକ୍ଷା ହେବା ସହ ମୋ ମୃତ୍ୟୁ ପରେ ବି ଲୋକଙ୍କ ହୃଦୟରେ ମୁଁ ରହିପାରିବି।

ଜିତୁଙ୍କ ସହ କଣ୍ଠଦାନ କରିଥିବା ଅଭିଲିପ୍ସା ପଣ୍ଡା ଯୁକ୍ତ ୨ ବିଜ୍ଞାନ ପରୀକ୍ଷା ଦେଇ ଫଳାଫଳ ଅପେକ୍ଷାରେ ଅଛନ୍ତି। ତାଙ୍କ ବାପା ଅଶୋକ ପଣ୍ଡା, ଘରୋଇ ଖଣି କମ୍ପାନୀରେ ସୁରକ୍ଷା ଅଧିକାରୀ ଭାବରେ କାମ କରୁଥିବା ବେଳେ ମା' ପୁଷ୍ପଶ୍ରୀ ପତି ଜଣେ ଶିକ୍ଷୟିତ୍ରୀ। ତାଙ୍କର ଅନ୍ୟ ଏକ ଝିଅ ୧୦ମ ଶ୍ରେଣୀରେ ପଢୁଛନ୍ତି। ପିଲାଟି ଦିନରୁ ହିନ୍ଦୁସ୍ତାନୀ ଗୀତ ଓ ନୃତ୍ୟ ପ୍ରତି ଆଗ୍ରହୀ ଥିବା ଅଭିଲିପ୍ସା କୁହନ୍ତି ଯେ, ତାଙ୍କ ମା' ମଧ୍ୟ ଜଣେ କ୍ଲାସିକାଲ ନୃତ୍ୟ ଓ ସଂଗୀତ ଶିଳ୍ପୀ। ବଡ ହେଲେ ମେରାଇନ ବାୟୋଲୋଜି ପଢି ଗବେଷଣା କରିବା ହେଉଛି ଅଭିପ୍ସାଙ୍କର ଇଚ୍ଛା। ପାଠ ପଢିବା ସହିତ ସଂଗୀତ ଓ ନୃତ୍ୟରେ ଶିକ୍ଷା ଲାଭ କରିଥିବା ଅଭିଲିପ୍ସା କୁହନ୍ତି, ଜନ୍ମ ହେବା ପରେ ତାଙ୍କ କାନରେ ତାଙ୍କ ଜେଜେମା' ଗାୟତ୍ରୀ ମନ୍ତ୍ର ଶୁଣାଇଥିଲେ। ଆଉ ସେବେଠୁ ସଂଗୀତ ପ୍ରତି ତାଙ୍କର ରୁଚି ବଢିଯାଇଥିଲା। ତେବେ ଏହି ଭିଡ଼ିଓ ହିଁ ତାଙ୍କୁ ଏବେ ନୂଆ ପରିଚୟ ଦେଇଛି। ଏହି ଗୀତ ଭାଇରାଲ୍ ହେବା ପରେ ଏବେ ସେ ସମସ୍ତଙ୍କ ପାଖରେ ପାଲଟି ଯାଇଛନ୍ତି ଏକ ଚିହ୍ନା ମୁହଁ।

*–ନରେଶ ଚନ୍ଦ୍ର ପଟ୍ଟନାୟକ*

# ଶ୍ୟାମ ପ୍ରକାଶଙ୍କ ନିଆରା ରୁଚି

ଶ୍ୟାମ ପ୍ରକାଶ ସେନାପତି। ଜନ୍ମ ୭ ଜୁଲାଇ ୧୯୭୦ମସିହାରେ। ପିତା–ଡାକ୍ତର ବଂଶୀଧର ସେନାପତି, ମା' ବିଷ୍ଣୁପ୍ରିୟା ସେନାପତି, ଘର ପୁରୀ ବଡ଼ଦାଣ୍ଡ ସେନାପତି ଭବନ। ସ୍କୁଲ ବୟସରୁ ଶ୍ୟାମପ୍ରକାଶ ଏଯାଏ ସାଇତି ରଖିଛନ୍ତି ଅନେକ ସେଲିବ୍ରିଟି, ରାଜନେତା, କବି, ଲେଖକ ଆଦି ଯଶସ୍ୱୀ ବ୍ୟକ୍ତିଙ୍କ ବିରଳ ଫଟୋ। ପୁଣି ଦେଶ ବିଦେଶର ପ୍ରଚଳିତ ଅନେକ ନୋଟ ଓ ମୁଦ୍ରା ମଧ୍ୟ। ଭାରତ ସରକାରଙ୍କ ସଙ୍ଗୀତ ନାଟକ ବିଭାଗ, ପୂର୍ବାଞ୍ଚଳ ସାଂସ୍କୃତିକ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ସଂସ୍କୃତି ଓ ପର୍ଯ୍ୟଟନ ବିଭାଗ ଦ୍ୱାରା ସଂଯୋଜକଭାବେ ଓଡ଼ିଶା ଓ ଓଡ଼ିଶା ବାହାରେ ଅନେକ ସାଂସ୍କୃତିକ କାର୍ଯ୍ୟକ୍ରମରେ ଯୋଗଦାନ କରିଥିବା ଶ୍ୟାମପ୍ରକାଶଙ୍କର ଲେଖାଲେଖିରେ ରହିଛି ବେଶ୍ ରୁଚି। ଅନେକ ପତ୍ରପତ୍ରିକାରେ ତାଙ୍କର ବହୁ ଲେଖା ପ୍ରକାଶିତ ହେବା ସହ ତାଙ୍କର ଅନେକ କବିତା ସଂକଳନ ମଧ୍ୟ ପ୍ରକାଶ ପାଇଛି। ରାଜ୍ୟସ୍ତରୀୟ ଶିଶୁସାହିତ୍ୟ ପୁରସ୍କାର (୧୯୮୩), ଇନ୍ଦିରା ଯୁବ ମେମୋରିଆଲ ସାଂସ୍କୃତିକ ସେବା ସଂସଦ ପୁରସ୍କାର, ଶ୍ରୀକ୍ଷେତ୍ର ସମ୍ମାନ, ନାଗପୁରରୁ ସଂସ୍କାର ଭାରତୀ ସମ୍ମାନ, ନୀଳଚକ୍ର ସେବା ସାଂସ୍କୃତିକ ଅନୁଷ୍ଠାନରୁ ଯୁବପ୍ରତିଭା ସମ୍ମାନ, କୋଣାର୍କ ସାହିତ୍ୟ ଉତ୍ସବ ସଂଗଠନ ସମ୍ମାନ, ବରଗଡ଼ ଧନୁଯାତ୍ରା ମହୋତ୍ସବ



କମିଟି ସମ୍ମାନ, କଲିକତାଠାରେ ଆୟୋଜିତ ଆନ୍ତଃ ରାଜ୍ୟ ସାଂସ୍କୃତିକ ବିନିମୟ କାର୍ଯ୍ୟକ୍ରମ ଆଦିରୁ ମିଳିଛି ତାଙ୍କୁ ବହୁ ପୁରସ୍କାର ଓ ସମ୍ମାନ। ପୁରୀରେ ହେଉଥିବା ବିଭିନ୍ନ ସାହିତ୍ୟ ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ଯୋଗ ଦେବା ସହ କାର୍ଯ୍ୟକ୍ରମକୁ ସୂଚାରୁରୂପେ ସମ୍ପାଦନା କରିବାର ଦାୟିତ୍ୱ ବି ସେ ନେଇଥାନ୍ତି। ତେବେ ପୁରୀକୁ ଯେବେ ଯେଉଁ ବିଶିଷ୍ଟ ବ୍ୟକ୍ତିମାନେ ଆସନ୍ତି ସେମାନଙ୍କ ସହିତ ଫଟୋଉଠାଇବା ସହ ତାହାକୁ ସାଇତି ରଖିବାରେ ସେ ପାଆନ୍ତି ଅପାର ଆନନ୍ଦ। ଯେଉଁମାନଙ୍କ ଭିତରେ ପୁରୀ ଗଜପତି, ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କଠାରୁ ଆରମ୍ଭ କରି ଅମିତାଭ ବଚ୍ଚନ, ରାଜେଶ ଖାନ୍ନା, ବାବା ରାମଦେବ, ପୂର୍ବତନ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀଙ୍କ ପରି ଶତାଧିକ ବିଶିଷ୍ଟ ବ୍ୟକ୍ତିବିଶେଷ ରହିଛନ୍ତି। କେବଳ ସେତିକି ନୁହେଁ ବିଭିନ୍ନ ସୁରକ୍ଷା କାର୍ଯ୍ୟପାଇଁ ପ୍ରକୃତି ବନ୍ଧୁ ପୁରସ୍କାର ସମେତ ବିଭିନ୍ନ ଅନୁଷ୍ଠାନରୁ ତାଙ୍କୁ ମିଳିଛି ଶତାଧିକ ପୁରସ୍କାର ଓ ସମ୍ମାନ; ଯେଉଁଥିରେ ରଘୁରାଜପୁର ବସନ୍ତ ଉତ୍ସବ ସମ୍ମାନ, ରାଜ୍ୟପାଳଙ୍କଠାରୁ ଯୁବପ୍ରତିଭା ପୁରସ୍କାର ହେଉଛି ଅନ୍ୟତମ। ଏବେ ସେ ପୁରୀର ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନର ଜଣେ ଆଗଧାଡ଼ିର କାର୍ଯ୍ୟକର୍ତ୍ତା ଭାବେ କାର୍ଯ୍ୟ କରୁଛନ୍ତି।



**–ବନବିହାରୀ ବେହେରା**




**ସୂଚନା**

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।

ଆପଣଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେ
ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫ ରସୁଲଗଡ଼
ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
ଫୋନ ନଂ: (୦୬୭୪) ୨୫୮୦୧୦୧
ଫଟୋ ସୌଜନ୍ୟ: କମଲ ଫଟୋଗ୍ରାଫି

# ହାଃ ହାଃ

## ସିଟ୍

ପୁଅ ମା'କୁ: ମାମା କାଲି ମୁଁ ବାପାଙ୍କ ସହ ବସ୍‌ରେ ଗଲାବେଳେ ବାପା ଜଣେ ସ୍ତ୍ରୀ ଲୋକ ପାଇଁ ମତେ ମୋ ସିଟ୍‌ରୁ ଉଠିବାକୁ କହିଲେ।
ମା': ଏଇଟା ଭଲ କଥା। ସ୍ତ୍ରୀ ଲୋକଙ୍କୁ ସିଟ୍ ଦିଆଯାଏ।
ପୁଅ: ହେଲେ ମାମା ମୁଁ ଯୋଉ ସିଟ୍‌ରେ ବସିଥିଲି ସେଇଟା ତ ବାପାଙ୍କ କୋଳ ଥିଲା।

## ଭିଟାମିନ୍

ଟିଣ୍ଟୁ ମାମାକୁ: ମତେ ଆଉ ପଢିବାକୁ ଜମାରୁ ଭଲ ଲାଗୁନି। ଇଛା ହେଉଛି ପାଠ ଛାଡି ଦେଇ ଖାଲି ଟିଭି ଦେଖନ୍ତି ଆଉ ଖେଳନ୍ତି।
ମାମା: ମତେ ଲାଗୁଛି ତୋଠି ଭିଟାମିନ୍ ଚପଲର ଅଭାବ ଦେଖା ଦେଲାଣି।

## ମାର୍କ

ବାପା ପୁଅକୁ: ଏଥର ତୋର ଯେମିତି ବି ହେଉ ୯୦ ପ୍ରତିଶତ ମାର୍କ ଆସିବା ଦରକାର।
ପୁଅ: ୯୦ ପ୍ରତିଶତ ନୁହଁ ବାପା ମୁଁ ତ ୧୦୦ ପ୍ରତିଶତ ମାର୍କ ଆଣିବି।
ବାପା: ତୁ କ'ଣ ମୋ ସହ ଥଟ୍ଟା ମଜା କରୁଛୁ?
ପୁଅ: ଆପଣ ତ ପ୍ରଥମେ ଆରମ୍ଭ କରିଥିଲେ ନା।



# ମନସୁନ୍ ଡେଷ୍ଟିନେଶନ



ବର୍ଷାରେ ଭିଜି ଭିଜି ବୁଲିବାରେ ଥାଏ ଏକ ଅପୂର୍ବ ଆନନ୍ଦ। ସେଥିପାଇଁ ବର୍ଷାଦିନ ଆସିଲେ କେତେକ ପର୍ଯ୍ୟଟକ ଏମିତି କିଛି ସ୍ଥାନକୁ ବୁଲିଯିବାକୁ ଚାହାନ୍ତି ; ଯେଉଁଠାରେ ବର୍ଷାର ଅପୂର୍ବ ଶୋଭାକୁ ଉପଭୋଗ କରିବା ସହ ଭିଜି ଭିଜି ବୁଲିବାର ମଜା ନେଇ ହେଉଥିବ। ତେଣୁ ଏଠାରେ ସେମିତି କେତୋଟି ମନସୁନ୍ ଡେଷ୍ଟିନେଶନ ସମ୍ପର୍କରେ ଉଲ୍ଲେଖ କରାଗଲା:

**✲ଚେରାପୁଞ୍ଜି:** ପ୍ରାକୃତିକ ବୈଭବରେ ଭରା ଚେରାପୁଞ୍ଜି ହେଉଛି ଏମିତି ଏକ ସ୍ଥାନ, ଯେଉଁଠାରେ ଅଧିକ ମାତ୍ରାରେ ବର୍ଷା ହେଉଥିବାର ନଜିର ଦେଖିବାକୁ ମିଳିଥାଏ। ଖାସ୍‌କରି ବର୍ଷାପ୍ରିୟ ପର୍ଯ୍ୟଟକଙ୍କ ପାଇଁ ଏହା ଏକ ମନୋରମ ସ୍ଥାନ କହିଲେ ଚଳେ। ମେଘାଳୟର ଇଷ୍ଟ ଖାସି ହିଲ୍ସ ଜିଲା ଅନ୍ତର୍ଗତ ଏକ ଆକର୍ଷଣୀୟ ସ୍ଥାନ ହେଉଛି ଚେରାପୁଞ୍ଜି। ଏହା ସ୍ଥାନୀୟ ଅଞ୍ଚଳରେ ସୋହରା ନାମରେ ମଧ୍ୟ ପରିଚିତ। ଅଧିକ ମାତ୍ରାରେ ବର୍ଷା ହେଉଥିବାର ଭିନ୍ନ ଏକ ରେକର୍ଡ ରହିଛି ଏହା ନାଁରେ। ସେଥିପାଇଁ ଏହି ସ୍ଥାନକୁ ଅନେକେ ପୃଥିବୀର ଏକ ଆର୍ଦ୍ରତାପୂର୍ଣ୍ଣ ସ୍ଥାନ ଭାବେ ଗଣନା କରିଥାନ୍ତି। ତେବେ ଏଠାରେ କେବଳ ଅଧିକ ମାତ୍ରାରେ ବର୍ଷା ହୁଏ ତାହା ନୁହେଁ, ପର୍ଯ୍ୟଟକଙ୍କ ଦୃଷ୍ଟି ଆକର୍ଷଣ ପାଇଁ ଏଠି ରହିଛି ଅନେକ ସୁନ୍ଦର ସୁନ୍ଦର ପର୍ଯ୍ୟଟନସ୍ଥଳୀ। ଯେମିତି କି: ପାହାଡ଼ି ଇଲାକା, ନୋହକାଲିକାଇ ଝରଣା, ସେଭେନ୍ ସିଷ୍ଟର୍ସ ଫଲ୍ସ ତଥା ଏକାଧିକ ଗୁମ୍ଫାର ସମ୍ଭାର ଇତ୍ୟାଦି। ଖାସ୍ ସେଥିପାଇଁ ଏଠାରେ ପର୍ଯ୍ୟଟକଙ୍କର ବେଶ୍ ଭିଡ଼ ଦେଖିବାକୁ ମିଳିଥାଏ।

**✲ ମୌସିନ୍‌ରାମ:** ବର୍ଷାରେ ଭିଜିବାକୁ ଭଲ ପାଉଥିବା ପର୍ଯ୍ୟଟକଙ୍କ ପାଇଁ ମୌସିନ୍‌ରାମ ବି ଏକ ସ୍ୱର୍ଗୀୟ ସ୍ଥାନ ସଦୃଶ। କାରଣ ଚେରାପୁଞ୍ଜି ପରି ଏହା ମଧ୍ୟ ହେଉଛି ଭାରତର ଏମିତି ଏକ ସ୍ଥାନ, ଯେଉଁଠାରେ ଅଧିକ ମାତ୍ରାରେ ବର୍ଷା ହୋଇଥାଏ। ସେଇଥିପାଇଁ ଏହାକୁ ବି ଭାରତର ତଥା ବିଶ୍ୱର ଅନ୍ୟତମ ଆର୍ଦ୍ରତାପୂର୍ଣ୍ଣ ସ୍ଥାନ ଭାବେ ବିବେଚନା କରାଯାଇଥାଏ। ମେଘାଳୟର ଇଷ୍ଟ ଖାସି ହିଲ୍ସ ଜିଲାର ଅନ୍ୟ ଏକ ସ୍ଥାନ ହେଉଛି ମୌସିନ୍‌ରାମ। ଏହା ଭାରତର ତଥା ପୃଥିବୀର ଏକ ଆର୍ଦ୍ର ସ୍ଥାନ ଭାବେ ପରିଚିତ। କାରଣ ଏଠାରେ ପ୍ରତିବର୍ଷ ହାରାହାରି ୧୧,୮୭୨ ମିଲିମିଟର ବର୍ଷା ହେଉଥିବାର ରେକର୍ଡ ରହିଛି। ଆଶ୍ଚର୍ଯ୍ୟର କଥା ହେଉଛି ବର୍ଷର ଅଧିକାଂଶ ସମୟ ଏଠାକାର ଆକାଶ ମେଘାଚ୍ଛନ୍ନ ରହିଥାଏ। ତା'ଛଡ଼ା ସବୁ ସମୟ ଏଠାରେ ପାଗ ଆର୍ଦ୍ର ରହୁଥିବାରୁ ଘର ବାହାରେ କାମ କରୁଥିବା ଶ୍ରମିକମାନେ ଅଚାନକ ବର୍ଷାରୁ ରକ୍ଷା ପାଇବା ପାଇଁ ନିଜ ମୁଣ୍ଡ ଏବଂ ପିଠି ଉପରେ କଦଳୀପତ୍ର ଓ ବାଉଁଶରୁ ତିଆରି ଏକ ସ୍ୱତନ୍ତ୍ର ପଖିଆକୁ ଘୋଡ଼ାଇ କାମ କରିଥାନ୍ତି। ତେବେ ଏଠାରେ ଅନେକ ଝରଣା ଓ ଗୁମ୍ଫା ଦେଖିବାକୁ ମିଳେ। ମୌଜିମ୍‌ବୁଇଁ ହେଉଛି ଏଠାକାର ଏମିତି ଏକ ଗୁମ୍ଫା, ଯାହାର ଚଟାଣରୁ ବର୍ଚ୍ଛା ପରି ଉଠିଥିବା କ୍ୟାଲ୍‌ସିୟମ୍ କାର୍ବୋନେଟ୍‌ର କେତୋଟି ଖଣ୍ଡ ଦେଖିବାକୁ ମିଳିଥାଏ ; ଯାହା ଦେଖିବାକୁ ବେଶ୍ ଅଜବ ଲାଗିଥାଏ।

**✲ ଅମ୍ବୋଲି:** ଦକ୍ଷିଣ ମହାରାଷ୍ଟ୍ରର ଏହା ହେଉଛି ଏକ ଶୈଳନିବାସ। ତା'ସତ୍ତ୍ୱେ ବି ଏଠାକାର ଜଳବାୟୁ ବର୍ଷସାରା ଖୁବ୍ ଅନୁକୂଳ ରହିଥାଏ, ଯଦ୍ୱାରା ବର୍ଷକଯାକ ଏଠାରେ ପର୍ଯ୍ୟଟକଙ୍କର ଭିଡ଼ ପରିଲକ୍ଷିତ ହୋଇଥାଏ। ଖାସ୍‌କରି ବର୍ଷା ଟିକେ ଏଠାରେ ଅଧିକ ହୋଇଥାଏ। ଆଉ ଏଠାକାର ବର୍ଷାକାଳୀନ ସୁନ୍ଦର ଦୃଶ୍ୟ ଦେଖିବାକୁ ବେଶ୍ ଆକର୍ଷଣୀୟ ଲାଗିଥାଏ। ସେଥିପାଇଁ ସ୍ଥାନୀୟ ପାଣିପାଗ ସୂଚନାକେନ୍ଦ୍ର ତରଫରୁ ମତ ଦିଆଯାଏ ଯେ, ଅମ୍ବୋଲିକୁ ବୁଲିଯିବା ପାଇଁ ଜୁନ୍‌ରୁ ସେପ୍ଟେମ୍ବର ହେଉଛି ସବୁଠୁ ଭଲ ସମୟ। ବର୍ଷାଦିନେ ଏଠାରେ ଭିଜି ଭିଜି ସ୍ଥାନୀୟ ଅମ୍ବୋଲି ଜଳପ୍ରପାତ, ମହାଦେବଗଡ଼, ହିରଣ୍ୟକେଶ୍ୱର ମନ୍ଦିର, ସନ୍‌ସେଟ୍ ପଏଣ୍ଟ, ନାନଗରତା ଜଳପ୍ରପାତ ଇତ୍ୟାଦି ସ୍ଥାନ ବୁଲି ଦେଖିବାରେ ଥାଏ ଏକ ଅପୂର୍ବ ଆନନ୍ଦ।

**✲ କର୍ଜତ :** ମହାରାଷ୍ଟ୍ରର ଅନ୍ୟ ଏକ ଆକର୍ଷଣୀୟ ମନ୍‌ସୁନ୍ ଡେଷ୍ଟିନେଶନ ହେଉଛି କର୍ଜତ। ସବୁଜ ସୁନ୍ଦର ପରିବେଶ, ନଦୀ, ଝରଣା ପାଇଁ ଏହାର ରହିଛି ବେଶ୍ ଲୋକପ୍ରିୟତା। ରିମ୍‌ଝିମ୍ ବର୍ଷା ସାଙ୍ଗକୁ ଏଠାକାର ପାହାଡ଼, ପର୍ବତ ବି ପର୍ଯ୍ୟଟକଙ୍କୁ ଖୁବ୍ ଆକର୍ଷିତ କରିଥାଏ। ଏହାଛଡ଼ା ଏହାର ନିକଟତମ ଅଞ୍ଚଳରେ ଅନେକ ଆଧ୍ୟାତ୍ମିକ ତଥା ଐତିହାସିକ ପର୍ଯ୍ୟଟନସ୍ଥଳୀ ବି ଦେଖିବାକୁ ମିଳିଥାଏ ; ତନ୍ମଧ୍ୟରୁ କୋଥଲିଗଡ଼ ଦୁର୍ଗ, ଉହ୍ଲାସ ଉପତ୍ୟକା, କୋଣ୍ଡାନା ଗୁମ୍ଫା, କୋଣ୍ଡେଶ୍ୱର ମନ୍ଦିର ଇତ୍ୟାଦି ଅନ୍ୟତମ।

କେବଳ ଏହି ସବୁ ସ୍ଥାନ ନୁହେଁ, ଭାରତରେ ଆହୁରି ଏମିତି ଅନେକ ସ୍ଥାନ ରହିଛି ଯେଉଁଠାକୁ ବର୍ଷାଦିନେ ବୁଲିଗଲେ ବୁଲିବାର ମଜା ଦ୍ୱିଗୁଣିତ ହୋଇଯାଇଥାଏ।



# ଛୋଟ ବଡି ବିଲ୍ଡର

ବଡି ବିଲ୍ଡରଙ୍କ କଥା ଉଠିଲେ ବଳିଷ୍ଠ ମାଂସପେଶୀ ଥିବା ଜଣେ ଡେଙ୍ଗା ବ୍ୟକ୍ତିଙ୍କ ଚେହେରା ଆପେ ମନକୁ ଆସିଯାଏ। ହେଲେ ଜଣେ କମ୍ ଉଚ୍ଚତା ବିଶିଷ୍ଟ ବ୍ୟକ୍ତି ବଡି ବିଲ୍ଡିଂ କରି ସମସ୍ତଙ୍କୁ ଚକିତ କରିଦେବା ସହ ନୂଆ ଏକ ଇତିହାସ ରଚିଛନ୍ତି। ଆଉ ପୃଥିବୀର ସବୁଠାରୁ ଛୋଟ ବଡି ବିଲ୍ଡରର ମାନ୍ୟତା ପାଇଛନ୍ତି। ସେ ପ୍ରମାଣ କରିଦେଇଛନ୍ତି ଯେ, ଶରୀରର ଆକାର ଯାହା ହେଉ ନା କାହିଁକି ଯଦି ମନରେ ସାହସ ଓ ଆତ୍ମବିଶ୍ୱାସ ଭରି ରହିଛି ସବୁ ଅସମ୍ଭବ ସମ୍ଭବ ହୋଇପାରିବ। ଏହି ଛୋଟ ବଡି ବିଲ୍ଡରଙ୍କ ନାମ ହେଉଛି ପ୍ରତୀକ ବିଠଲ। ୨୬ ବର୍ଷୀୟ ପ୍ରତୀକ ଜଣେ ବାମନ। ହେଲେ ସେ ନିଜ ଶରୀରର ଏହି ଦୁର୍ବଳତାକୁ ଶକ୍ତିରେ ପରିଣତ କରି ନିଜ ଶରୀରକୁ ଚଟାଣ ପରି ଶକ୍ତ କରିଛନ୍ତି ଓ ପୃଥିବୀର ସବୁଠାରୁ ଛୋଟ ବଡି ବିଲ୍ଡର ହେବାର ଆଖ୍ୟା ପାଇପାରିଛନ୍ତି। ମାତ୍ର ୩ ଫୁଟ ୪ ଇଞ୍ଚର ପ୍ରତୀକ ଯେତେବେଳେ ବଡି ବିଲ୍ଡିଂରେ କ୍ୟାରିୟର କରିବାକୁ ନିଷ୍ପତ୍ତି ନେଇଥିଲେ ତାଙ୍କୁ ଅନେକେ ଥଟ୍ଟାମଜା କରିଥିଲେ। କିନ୍ତୁ ନିଜ ଲକ୍ଷ୍ୟକୁ ନେଇ ସେ ଥିଲେ ଅଟଳ। ଆଉ କଠିନ ପରିଶ୍ରମ କରି ପୃଥିବୀର ସବୁଠାରୁ ଛୋଟ ବଡି ବିଲ୍ଡର ବି ହୋଇଗଲେ।











## କାର୍ଟୁନ କର୍ନର





## କଥା ଚାଟ୍

ଓଁ ଅଭିଜ୍ଞାନ ସାହୁ

# ଭାବରେ ଭାବରେ ପୁରୀ

ଆଦ୍ୟ କଲେଜ ସମୟର କଥା । ଆମେ କିଛି ଭକ୍ତ ଚାହିଁଲୁ ବୋଲବମ୍‌ରେ ଯାଇ ବାବା ଲୋକନାଥଙ୍କ ପୀଠରେ ପାଣି ଢାଳିବୁ। ଆମ ଭିତରେ ଥାଏ ଅସମ୍ଭବ ଭକ୍ତି ଓ ବାବାଙ୍କୁ ଦର୍ଶନ କରିବାର ଅପୂର୍ବ ଉତ୍ସାହ। ଗଡ଼ଗଡ଼ିଆ ଘାଟରେ ସେତେବେଳେ ବସୁଥିଲା ବୋଲବମ୍ ମେଳା। ବୋଲବମ୍ ଯିବାକୁ ଇଚ୍ଛୁକ ଭକ୍ତ କେବଳ ଘରୁ କିଛି ଟଙ୍କା ନେଇ ସେଠି ପହଞ୍ଚି ଗଲେ ସେଠାରେ ସବୁ କିଛି ମିଳିଯାଉଥିଲା। ଗେରୁଆ ହାଫ୍ ପ୍ୟାଣ୍ଟ ଗେରୁଆ ଗଞ୍ଜିଠୁ ନେଇ ବାହୁଙ୍ଗି, ଶିକା ପର୍ଯ୍ୟନ୍ତ ସବୁ କିଛି ସେ ମେଳାରେ ଉପଲବ୍ଧ ଥାଏ । ଭକ୍ତଙ୍କ ସୁବିଧା ପାଇଁ ବିଭିନ୍ନ ଅନୁଷ୍ଠାନ ସ୍ୱଳ୍ପ ମୂଲ୍ୟରେ ଯୋଗାଇ ଦିଅନ୍ତି ବୋଲବମ୍ ପ୍ୟାକେଜ ବ୍ୟବସ୍ଥା। ତା' ସହ ସେଠାରେ ଥା'ନ୍ତି ପୂଜା ପାଇଁ ନନାଙ୍କ ସହ ମାଳ ମାଳ ଫଟୋଗ୍ରାଫର। ଆମେ ଦଶ ଜଣିଆ ଗ୍ରୁପ ପାଇଁ ଗୋଟେ ଶସ୍ତା ସୁନ୍ଦର ବୋଲବମ୍ ପ୍ୟାକେଜ୍ ନେଇଥାଉ। ଏହି ତିନିଦିନିଆ ପ୍ୟାକେଜରେ ଥାଏ ପସନ୍ଦ ଅନୁଯାୟୀ ଖାଦ୍ୟପେୟ ବ୍ୟବସ୍ଥା। ତେଲ ମାଲିସ୍ କି ଘଷାମୋଡ଼ା ସୁବିଧା। ଡିଜେ ଓ ଶୌଚ ସୁବିଧା । ତା' ସାଙ୍ଗକୁ ଚାହିଦା ଅନୁଯାୟୀ ଲୋକନାଥ ବାବାଙ୍କ ପ୍ରସାଦ। ସାଙ୍ଗରେ ଥାଆନ୍ତି ଚାରିଟା ଚାରିଟା ଗଉଁତିଆ। ଯଦି କେଉଁ ଭକ୍ତର ଚାଲିବାରେ ଅସୁବିଧା ହୁଏ ତେବେ ସେ ପଛରେ ଆସୁଥିବା ଗାଡ଼ିରେ ବିଶ୍ରାମ ନେଉଥିବା ରାସ୍ତାତକ ଭଡାରେ ଆସିଥିବା ଗଉଁତିଆ ଭାରୁଆ ବାହୁଙ୍ଗି କାନ୍ଧେଇ ଚାଲିବ। ସେ ଯାହାହେଉ ପ୍ରଥମେ ଗଡ଼ଗଡ଼ିଆ ଘାଟରେ ପୂଜାପାଠ ସାରି ଆମେ ସମସ୍ତେ ଗ୍ରୁପ ଫଟୋ ନେଲୁ। ସେଦିନ ଯୋଗକୁ ଯାତ୍ରା ଆରମ୍ଭ ସମୟରେ ଝିପି ଝିପି ବର୍ଷା ହେଲା । ଭକ୍ତଙ୍କ ଚାଲିବା ସୁଗମ ହେବ ବୋଲି ବାବା ଲୋକନାଥ ଉପରୁ ଆଶୀର୍ବାଦ କଲେ ଜାଣି ସମସ୍ତେ 'ଆନନ୍ଦେ ଏକ ବାର ହର ହର ବୋଲ ' ଧ୍ୱନି ଦେଇ ବୀରଦର୍ପରେ ଯାତ୍ରା ଆରମ୍ଭ କଲେ। କଟକ ରାଜ ରାସ୍ତା ଦେଇ ଆଗେଇ ଚାଲିଥାଏ ଆମ ଦଶ ଜଣିଆ ବୋଲବମ୍ ଗ୍ରୁପ। ଆମ ସହ ପଛରେ ଆସୁଥିବା ଡିଜେରେ ବାଜୁଥିବା ବାବାଙ୍କ ଭଜନ ସମ୍ପୂର୍ଣ୍ଣ ପରିବେଶକୁ କରୁଥାଏ ଭକ୍ତିମୟ। ସହର ଛାଡି ଜାତୀୟ ରାଜପଥ ଧରିଲା ପରେ ଦେଖିଲୁ ଶହ ଶହ ବୋଲବମ୍ ଭକ୍ତଙ୍କ ସମାଗମ। ସମସ୍ତେ ଭକ୍ତିରେ ଆଗେଇ ଚାଲିଥାନ୍ତି ବାବାଙ୍କ ମହିମାର ଡାକରା ଦେଇ। ଆମ୍ଭମାନଙ୍କର ସେବନ ନିମନ୍ତେ ମାନସିକଧାରୀମାନେ ରାସ୍ତାଯାକ ଯୋଗେଇ ଦେଉଥାନ୍ତି ଛୋଟ ଛୋଟ କାଗଜ ପୁଡ଼ିଆରେ ଥିବା ପ୍ରସାଦ। ସେସବୁର ସେବନ ପରେ ନିଜ ଭକ୍ତିରେ ଆସୁଥାଏ ଏକ ଅସମ୍ଭବ ଉନ୍ମାଦନା। ଲାଗୁଥାଏ ଯେମିତି ସମୁଦାୟ ରାସ୍ତା ଏବେ ଆମର। ଖାଲି ଢିମା ଗାଡ଼ି ମୋଟର କିଛି ଦିଶେନି, ତା'ପରେ ପଛରୁ ଆସୁଥିବା ଟ୍ରକ୍, ବସ୍ ନିଜେ ନିଜେ ସାଇଡ୍ ହୋଇ ଚାଲିଯାଉଥାନ୍ତି। ବାଟଯାକ ପ୍ୟାକେଜ୍ ଅନୁଯାୟୀ ଆମ ଖାଇବା ପିଇବା ବିଶ୍ରାମ ଘଷାମୋଡ଼ା ସହ ଶ୍ରମ ଲାଘବ ପାଇଁ ବାବାଙ୍କ ନାଁରେ ଚଳୁଥିବା ଅମୋଘ ଔଷଧ ଗଞ୍ଜେଇ



ଓ ଭାଙ୍ଗର ବ୍ୟବସ୍ଥା ପ୍ୟାକେଜ ନେଇଥିବା ସଂସ୍ଥା ତରଫରୁ କରାଯାଇଥାଏ। ଯୋଜନା ମୁତାବକ ଦ୍ୱିତୀୟ ରାତିରେ ଆମେ ତେଇଶିପୁରରେ ବିଶ୍ରାମ ନେଇ ତା' ପରଦିନ ଅର୍ଥାତ୍ ତୃତୀୟ ଦିନ ପୁରୀ ପହଞ୍ଚିବା କଥା। ବାଟଯାକ ବାବାଙ୍କ ଅମୂଲ୍ୟ ପ୍ରସାଦ ବଳରେ ମୋର ଦେଢ଼ଦିନ କେମିତି ବିତିଗଲା ଜାଣିପାରିଲି ନାହିଁ। ପୁରୀ ଯେତିକି ପାଖେଇ ଆସୁଥାଏ ମୋ ମନ ସେତିକି ବାବାଙ୍କ ଦର୍ଶନ ପାଇଁ ବ୍ୟାକୁଳ ହୋଇ ଉଠୁଥାଏ । ତେଇଶିପୁରରେ ପହଞ୍ଚିବା ପରେ ଖିଆପିଆ ସାରି ଫୁଟ ମସାଜ ମେଶିନରେ ଗୋଡ଼ ପୂରେଇ ବାବାଙ୍କ ପ୍ରିୟ ପ୍ରସାଦ ସେବନ କରୁ କରୁ ମୋତେ କେତେବେଳେ ନିଦ ଆସିଯାଇଛି ଜାଣିପାରିନି। ସ୍ୱପ୍ନ ଦେଖୁଛି ଖୋଦ ବାବା ଲୋକନାଥ ମୋତେ ହାତ ଠାରି ଡାକୁଛନ୍ତି। କହୁଛନ୍ତି , "ମୋର ପ୍ରିୟ ଭକ୍ତ ତୋତେ ଦେଖିବି ବୋଲି ଦୁଇ ଦିନ ହେଲା ଅନେଇ ଅନେଇ ଆଖିରୁ ପାଣି ଶୁଖିଗଲାଣି। ଧନ ତେଇଶିପୁରରେ କାହିଁକି ରହିଛୁ ଆ ...ପୁରୀ ଚାଲିଆ.. ।" ସାକ୍ଷାତ ବାବାଙ୍କ ଦର୍ଶନ ପାଇ ମୋ' ଆଖିରୁ ଲୋତକ ବୋହି ଯାଉଥାଏ ଧାର ଧାର। ହାତଯୋଡି କହିଲି, "ବାବା ଆଉ କିଛି ଘଣ୍ଟାର କଥା। ତୁମ ଦର୍ଶନ ପାଇଁ ତ କଟକରୁ ଧାଇଁ ଆସିଛି। ଗୋଡ଼ରେ ଆଉ ଶକ୍ତି ନାହିଁ। ତୁମେ ଚାହିଁଲେ ସକାଳୁ ସକାଳୁ ଏଠୁ ବାହାରି ସନ୍ଧ୍ୟା ସୁଦ୍ଧା ତୁମ ପାଖରେ ପହଞ୍ଚିଯିବି।" ବାବା କହିଲେ, "ନା... ଧନ ତୋତେ ଟିକେ ଦେଖିବି ବୋଲି କେତେଦିନ ହେଲା ଅପେକ୍ଷା କରିଛି। ତୁ ଏତେ ପାଖକୁ ଆସି ପୁଣି ଗୋଟାଏ ଦିନ ମୋତେ ଅପେକ୍ଷା କରେଇବୁ। ଜାଣିଛି ଏତେ ବାଟ ଚାଲି ଚାଲି ତୋ ଗୋଡ଼ହାତ ବିନ୍ଧୁ ଥିବ। ମୁଁ ତୋ ପାଇଁ ପୁଷ୍ପକ ବିମାନ ପଠଉଛି। ଆଉ ମୋତେ ଅପେକ୍ଷା କରାଅନା ।" ମୁଁ ଦେଖୁଥିଲି ଦୁଇଜଣ ଯକ୍ଷ ମୋତେ ଟେକି ନେଇ ସେ ଉଡ଼ନ୍ତା ବିମାନରେ ଶୁଆଇଦେଉଛନ୍ତି। ବିମାନଟି ପବନକୁ ଚିରି ପୁରୀ ଆଡ଼କୁ ମାଡିଯାଉଛି। କିଛି ସମୟ ପରେ ବିମାନଟି ରହୁଛି। ମୋତେ ସସମ୍ମାନେ ବିମାନରୁ ନେଇ ଏକ ହଂସୁଲି ଶେଯରେ ବସେଇ ଦେଉଛନ୍ତି। ସାମ୍ନାରେ ସୁନା ଥାଳିରେ ବାଢି ଦେଉଛନ୍ତି ଭଳିକି ଭଳି ସୁସ୍ୱାଦୁ ବ୍ୟଞ୍ଜନ। ପାଖରେ ବସି ଜଣେ ବିଞ୍ଚଣାରେ ବିଞ୍ଚି ଦେଉଛି। ଖାଇ ସାରିବା ପରେ କେହି ଜଣେ ଅଇଁଠା ଥାଳିକୁ ନେବାକୁ ଆସିଲାରୁ ମୁଁ ବାବା ଲୋକନାଥଙ୍କ ଆଶୀର୍ବାଦର ସନ୍ତକ ଭାବେ ସୁନା ଥାଳିକୁ ଛାତିରେ ଜାବୁଡି ଧରୁଛି। ଜଣେ କହୁଛି, "ଆରେ ସୁନା ଥାଳିକୁ ରଖେନା। ବନ୍ଧୁମହାନ୍ତି ଭଳି ଅବସ୍ଥା ହେବ।" ଫୋପାଡ଼ି ଦେ ସେ ଥାଳିକୁ। ମୁଁ କିନ୍ତୁ ଦେଉନି। ବାବା ଲୋକନାଥ ହସୁଛନ୍ତି। ଆହାଃ କି ଅପୂର୍ବ ସେ ଅନୁଭୂତି ! ଦେହରେ କି ଅଦ୍ଭୁତ ଶିହରଣ ! ସେଇ ଭିତରେ ସେମାନେ ଜୋର୍ କରି ମୋ ହାତରୁ ସୁନା ଥାଳିକୁ ନେଇଯାଉଛନ୍ତି। ମୁଁ ରାଗିଯାଇ ବାହୁଙ୍ଗି ଧରି ସେମାନଙ୍କୁ ବାଡ଼େଇବାକୁ ଗୋଡଉଛି ଯେ ଗୋଡଉଛି ସେମାନେ କେହି ଧରା ଛୁଆଁ ଦେଉନାହାନ୍ତି। ମୁଁ ଅସାଡ଼ ହୋଇ ପଡ଼ି ଯାଉଛି ...। ତା' ପରେ ଭୋଳା ବାବା ଅଦୃଶ୍ୟ ହେଇଯାଉଛନ୍ତି। ସକାଳୁ ସକାଳୁ ନିଦ ଭାଙ୍ଗିଲା ବେଳକୁ ଦେଖିଲି ମୁଁ ଅଠରନଳାର ଗୋଟେ ଦୋକାନ ପିଣ୍ଡାରେ ଚାରିକାତ ମେଲେଇ ପଡ଼ିଛି। ପିଣ୍ଡାଯାକ ଅଇଁଠା କାଗଜ ଥାଳି ଟୁକୁଡ଼ା, ଅନ୍ନ ଡାଲମା ବିଛେଇ ହୋଇଛି। ଦେହ ହାତରେ ବଳ ନାହିଁ। ପାଖରେ ଜଣେ ଚିହ୍ନା ଭାରୁଆ ବସିଛି। ମୋତେ ଉଠିବା ଦେଖି କହିଲା, "ଆଜ୍ଞା କାଲି ରାତିରେ ଏମିତି କ'ଣ ହେଲା ? ଗଞ୍ଜେଇ ନିଶାରେ ତେଇଶିପୁରରୁ ଅଟୋ ରିକ୍ସା ଡାଲାରେ ଶୋଇ ଗଲ ଯେ ଆମେ ଖୋଜିଲାବେଳକୁ ତୁମେ ଏଇଠି ଅଠରନଳାରେ। କାଗଜ ଥାଳିକୁ ଛାତିରେ ଜାବୁଡି ଧରି ମୋ' ସୁନା ଥାଳି.. ମୋ' ସୁନା ଥାଳି ଚିଲଉଥିଲ। ଶେଷରେ ଏତେ କଷ୍ଟରେ କଟକରୁ ଅଠରନଳା ଯାଏଁ ଯତ୍ନରେ ତୁମ ବାହୁଙ୍ଗି କାନ୍ଧେଇ ଆଣିଥିଲି ତାକୁ ଧରି ତୁମେ ସାଙ୍ଗମାନଙ୍କୁ ବଡ଼େଇବାକୁ ଗୋଡ଼େଇଲ। ପାଣି ଢାଳ ଭାଙ୍ଗି ଚୁର। ଗୋଟାଏ ନଡିଆ ଯାଇ ରାସ୍ତାରେ ପଡିଲା ଯେ ବସ ଚକା ତାକୁ ଫଟେଇଦେଇଛି। ଆର ନଡ଼ିଆଟା ରାସ୍ତା କଡରେ ପଡିଥିଲା ତାକୁ ଗୋଟେଇ ଆଣି ରଖିଛି। ମନ ନିର୍ମଳ ଥିଲେ ଗଡ଼ିଆ ଗଙ୍ଗା। ପାଣି ତ ନାହିଁ ଆଉ ଲୋକନାଥ ଆଡେ ଯିବ କାହିଁକି ? ମନ୍ଦିର ଆଡେ ଚାହିଁ ଏଇଠି ନଡ଼ିଆଟା ଭାଙ୍ଗିଦିଅ। ତୁମ ସାଙ୍ଗମାନେ ମୋତେ ତୁମକୁ ଜଗେଇ ଦେଇ ସକାଳୁ ବଙ୍ଗାଳି ଯାତ୍ରୀଙ୍କ ସହ ସମୁଦ୍ର କୂଳରେ ଗମାତ କରୁଛନ୍ତି। ନଡ଼ିଆ ଭାଙ୍ଗି ଠାକୁରଙ୍କୁ ଏଇଠି ମୁଣ୍ଡିଆଟେ ମାରି ଶୀଘ୍ର ଚାଲ। ନଚେତ ଦୋକାନୀ ଦେଖିଲେ ଉତ୍ତମ ମଧ୍ୟମ ଦେଇ ତା' ପିଣ୍ଡା ଧୋଇବାକୁ କହିବ।" ଆଜି ବି ପୁରୀ ଗଲା ବେଳେ ତେଇଶିପୁର ଠୁଁ ଅଠରନଳା ଯାଏଁ ମୋର ସେଦିନର ସେ ଦିବ୍ୟ ଅନୁଭୂତି କଥା ମନେପଡେ ଏବଂ ଭାବରେ ଯେଉଁ ଅଭାବ ଥିଲା ତାକୁ ଖୋଜେ।

–ବନମାଳୀ ଭବନ, ଖାନନଗର, କଟକ
ମୋ: ୯୪୩୭୦୧୦୭୫୮

## ପୁସ୍ତକ ସମୀକ୍ଷା

### ଇଦଂ ନ ମମ

**ଲେଖିକା – ବନ୍ଦନା ମିଶ୍ର**

**ପ୍ରକାଶକ – ତୀରତରଙ୍ଗ, ମୂଲ୍ୟ– ୧୦୦ ଟଙ୍କା ମାତ୍ର**

**ଲେ**ଖିକା, ପ୍ରକାଶିକା ବନ୍ଦନା ମିଶ୍ରଙ୍କ 'ଇଦଂ ନ ମମ' ପ୍ରବନ୍ଧ ସଂକଳନଟି ଏକ ସ୍ୱତନ୍ତ୍ର ଗଦ୍ୟ କୃତି। ଲେଖିକା ତାଙ୍କ ଦାର୍ଶନିକ, ଆଧ୍ୟାତ୍ମିକ ଓ ସାରସ୍ୱତ ଉପଲବ୍ଧିକୁ ସମୂହ ପାଇଁ ସାତ୍ତ୍ୱିକ ସମର୍ପଣଟିଏ ବୋଲି ଗ୍ରହଣ କରନ୍ତି ଏବଂ ପୁସ୍ତକର ଶୀର୍ଷକରେ ତାହା ହିଁ ଉଚ୍ଚାରଣ କରନ୍ତି। ଗଦ୍ୟ ରଚନାର ପରିଚ୍ଛନ୍ନ ଓ ସ୍ୱାଭାବିକ ଶୈଳୀରେ ସେ ପରଷି ଦେଇଛନ୍ତି ଜୀବନର ପ୍ରତିଟି ବିଭବକୁ ସଂକଳିତ ରଚନାରେ। ଅନୁଭୂତିସିଦ୍ଧ ରଚନାଗୁଡ଼ିକ ପଢ଼ିଲେ ପାଠକ ନିଜର ଅନ୍ତର୍ଦ୍ଦେଶରେ ଅନୁଭବ କରିବ ଜୀବନ ଓ ଜଗତ ସମ୍ବନ୍ଧୀୟ ଅନେକ କଠୋର ସତ୍ୟ, ଯାହା ମଧ୍ୟରେ ନିହିତ ଅଛି ଏକ କୋମଳ ସାରସ୍ୱତ ସାବଲୀଳତା। ଅଠତିରିଶଟି ପ୍ରବନ୍ଧର ସମାହାର ଉକ୍ତ ସଂକଳନଟି ଭାରତୀୟ ସଂସ୍କୃତି, ଶାକ୍ତ ପରମ୍ପରା, ଦର୍ଶନ ତଥା ଆଧ୍ୟାତ୍ମିକ ମୂଲ୍ୟବୋଧକୁ ଆଧାର କରି ରଚିତ ହୋଇଛି। ଯାହା ପାଠକୀୟ ସ୍ୱୀକୃତି ଲାଭ କରିବ ବୋଲି ଆଶା କରାଯାଏ।





### ମୁଗ୍ଧମନ୍ତ୍ର

**କବି – ଡାକ୍ତର ମଞ୍ଜୁବାଳା ପଣ୍ଡା**

**ପ୍ରକାଶକ – ଅଭିମାନ, ମୂଲ୍ୟ –୧୧୦ଟଙ୍କା ମାତ୍ର**

ଡାକ୍ତର ମଞ୍ଜୁବାଳା ପଣ୍ଡାଙ୍କ 'ମୁଗ୍ଧମନ୍ତ୍ର' କବିତା ସଙ୍କଳନ କବିଙ୍କର ଆଦ୍ୟ କବି ଜୀବନର କବିତା ସମୂହ, ଯେଉଁଥିରେ ଜୀବନର ବହୁ ସୂକ୍ଷ୍ମ ଅନୁଭବର ସଫଳ ରୂପାୟନ ହୋଇଛି। ତାଙ୍କ କବିତା ଏକାଦିକ୍ରମେ ଜୀବନର ବିରୋଧାଭାସ ଓ ସମନ୍ୱୟଧର୍ମୀ ଗୁଣକୁ ସଫଳ ଭାବରେ ଧାରଣ କରେ। ସବୁ କବିତାକୁ ମନ୍ତ୍ରର ଅନୁଭବରେ ନେଇ ମୁଗ୍ଧ ତାଙ୍କ କବି ସତ୍ତା ଚେଷ୍ଟା କରିଛନ୍ତି ପ୍ରସ୍ଫୁଟିତ ହେବାକୁ ଶବ୍ଦର ପାଖୁଡ଼ାରେ। 'ମାଆ ଓ ମାତୃତ୍ୱ' ରୁ 'ଶେଷଇଚ୍ଛା' କବିତା ପର୍ଯ୍ୟନ୍ତ ସତୁରି ଗୋଟି ଛୋଟବଡ଼ କବିତାକୁ ନେଇ ସଂକଳିତ ଏହି କବିତା ବହିରେ ସ୍ଥାନେ ସ୍ଥାନେ ରୈଖୀୟ ଚିତ୍ର ସଂକଳନର ଶୋଭା ବର୍ଦ୍ଧନ କରୁଛି। ସାଧାରଣ ମଣିଷ ପାଇଁ ଉନ୍ମୁକ୍ତ କବିଙ୍କର ଆତ୍ମାର ସ୍ପନ୍ଦନ ସବୁବର୍ଗର ପାଠକଙ୍କ ହୃଦୟକୁ ନିଶ୍ଚୟ ସ୍ପନ୍ଦିତ କରିବ ଏଥିରେ ସନ୍ଦେହ ନାହିଁ।





### ଭିନ୍ନ ଏକ ରେବତୀ ଓ ଅନ୍ୟାନ୍ୟ ଗଳ୍ପ

**ଗାଳ୍ପିକ– ଡ. ଗଣେଶ୍ୱର ଜେନା**

**ପ୍ରକାଶକ– ପଶ୍ଚିମା ପ୍ରକାଶନୀ, ଭୁବନେଶ୍ୱର, ମୂଲ୍ୟ– ୧୮୯ ଟଙ୍କା**

'ଭିନ୍ନ ଏକ ରେବତୀ ଓ ଅନ୍ୟାନ୍ୟ ଗଳ୍ପ' ସଙ୍କଳନର ଗାଳ୍ପିକ ଡ. ଗଣେଶ୍ୱର ଜେନା। ସମସାମୟିକ କଥା ସାହିତ୍ୟର ଜଣେ ପ୍ରତିଶ୍ରୁତିସମ୍ପନ୍ନ ଗାଳ୍ପିକ। ଜୀବନର ମୂଲ୍ୟବୋଧ, ପ୍ରତିକୂଳରେ ସମ୍ଭାବନା, ଆଶ୍ୱାସନାରେ ଆତ୍ମପ୍ରତ୍ୟୟ ସନ୍ନିବେଶିତ ଗଳ୍ପଗୁଡିକର ଅନ୍ୟତମ ନିର୍ଯାସ। ନୈରାଶ୍ୟକୁ ଆଶାରେ ପରିଣତ କରିବାର କୌଶଳ ବେଶ୍ ବାରି ହୋଇପଡେ। ଓଡିଆ କଥା ସାହିତ୍ୟରେ 'ରେବତୀ'କୁ ନେଇ ବହୁ ସ୍ରଷ୍ଟାଙ୍କର ଲେଖନୀ ଚଳଚଞ୍ଚଳ ହୋଇ ଚାଲିଛି। ତେବେ ଏଠାରେ ଭିନ୍ନ ଏକ ରେବତୀକୁ ପାଠକ ପାଖରେ ପରଷିବାରେ ଗାଳ୍ପିକ ଯେଉଁ ଚେଷ୍ଟା କରିଛନ୍ତି ତାହା ସ୍ୱାଗତଯୋଗ୍ୟ। ପାରମ୍ପରିକ କଥନଶୈଳୀରେ ପରିବେଷିତ ଗଳ୍ପଗୁଡିକ ପାଠକଙ୍କୁ ଛୁଇଁବ ବୋଲି ଆଶା କରାଯାଏ।



ବ୍ୟାକ୍ ପେଜ୍

# ବଡ଼ ପଗଡ଼ି

ରାଜସ୍ଥାନ, ବିକାନେର୍‌ର ଯୁବକ ପବନ ବ୍ୟାସ ସବୁଠାରୁ ବଡ଼ ପଗଡ଼ି ବାନ୍ଧିବାରେ ରେକର୍ଡ କରିଛନ୍ତି। ୧୦୮ ପ୍ରକାର ପଗଡ଼ି ବାନ୍ଧିବାରେ ଧୁରନ୍ଧର ପବନ ୧୫୬୯ ଫୁଟ୍ ଲମ୍ବର ପଗଡ଼ିକୁ ବିନା ହେୟାର ପିନ୍ ଓ ଅଠାର ସାହାଯ୍ୟ ନେଇ ମୁଣ୍ଡରେ ବିରାଟକାୟ ପଗଡି ବାନ୍ଧି ୱାର୍ଲଡ ବୁକ୍ ଅଫ୍ ରେକର୍ଡ୍ସରେ ସ୍ଥାନ ପାଇଛନ୍ତି। କେବଳ ସେତିକି ନୁହେଁ, ୨୦୧୯ରେ ସେ ନିଜ ହାତର ୫ ଆଙ୍ଗୁଳିର ଟିପ୍ସରେ ୧ ସେ.ମି.ରୁ ୩. ସେ.ମି.ର ବିଭିନ୍ନ ପ୍ରକାର ପଗଡି ବାନ୍ଧି ମଧ୍ୟ ରେକର୍ଡ କରିଥିଲେ। ପବନ କହନ୍ତି, ''ବଦଳୁଥିବା ଜୀବନଶୈଳୀ ସହ ଆମର ପୋଷାକ ପରିପାଟୀରେ ବି ପରିବର୍ତ୍ତନ ଆସିଛି। ତେଣୁ ଏବେ ପଗଡ଼ି ପିନ୍ଧିବାର ସଉକ କମିବାରେ ଲାଗିଛି, ଯାହାକୁ ପିନ୍ଧିବା ଦିନେ ଗର୍ବର କଥା ମନେ କରାଯାଥିଲା। ତେଣୁ ମୋ ଉଦ୍ଦେଶ୍ୟ ହେଉଛି ପୁରୁଣା ପରମ୍ପରା ଓ ସଂସ୍କୃତିକୁ ବଞ୍ଚାଇ ରଖିବା।



ସେଥିପାଇଁ ଦୀର୍ଘ ୧୧ ବର୍ଷ ହେବ ମୁଁ ପଗଡ଼ି ବାନ୍ଧିବା କାମ କରୁଛି।'' ପଗଡ଼ି ବାନ୍ଧିବା କୌଶଳ ପାଇଁ ୪ଦଶକ ଧରି ତାଙ୍କ ପରିବାରକୁ ସ୍ଥାନୀୟ ଲୋକେ 'ସାଫେ ବାଲା ବ୍ୟାସଜୀ' ବୋଲି କୁହନ୍ତି । ତା'ଛଡ଼ା ପବନ ପଗଡ଼ିକୁ ନେଇ କରୁଥିବା ଅସାଧାରଣ କୌଶଳ ଓ ରେକର୍ଡ ତାଙ୍କ ସହରର ନାମ ସାରା ଦୁନିଆରେ ପରିଚିତ ହୋଇପାରିଛି।






# ପ୍ୟାନ୍ କେକ୍ ଆର୍ଟ

ଖାଦ୍ୟ ଓ ଚିତ୍ରକଳାର ଏକ ସୁନ୍ଦର ମିଶ୍ରଣ ହେଉଛି ପ୍ୟାନ୍ କେକ୍ ଆର୍ଟ। ଆଉ ଏହି କଳାରେ ଅଷ୍ଟ୍ରେଲିଆ, ମେଲବୋର୍ନସ୍ଥ ଏକ ବାପପୁଅ ଯୋଡ଼ି ବେଶ୍ ଧୁରୀଣ। ସେମାନେ ଗରମ ତାୱା ଉପରେ ପ୍ୟାନ୍ କେକ୍‌ର ଏତେ ଚମତ୍କାର ଆର୍ଟ ତିଆରି କରନ୍ତି ଯେ, ତାକୁ ଖାଇବାକୁ ଇଚ୍ଛା ହେବ ନାହିଁ, ବରଂ ସାଇତି ରଖିବାକୁ ଚାହିଁବେ। ୨୦୧୫ରୁ ଏହି ବାପପୁଅ ଯୋଡ଼ି ପ୍ୟାନ୍ କେକ୍ ଆର୍ଟ କରିଆସୁଛନ୍ତି। ବିଭିନ୍ନ ଲୋକପ୍ରିୟ କାର୍ଟୁନ ଚରିତ୍ର ଯେମିତିକି ଫ୍ରୋଜନ୍‌ର ଏଲ୍ସା, ସ୍ପଞ୍ଜବବ୍, ଜଳପରୀ ଏରିୟଲ, ଆଙ୍ଗ୍ରି ବର୍ଡ ଆଦିକୁ ସେମାନେ ପ୍ୟାନ୍ କେକ୍‌ରେ ବେଶ୍ ସୁନ୍ଦର ଓ ନିଖୁଣଭାବେ କରିପାରନ୍ତି। ସାଧାରଣ ପ୍ୟାନ୍ କେକ୍ ପ୍ରସ୍ତୁତିଠାରୁ ଏହାକୁ ତିଆରି କରିବାରେ ଟିକେ ଅଧିକ ସମୟ ଲାଗେ। ଏଥିପାଇଁ ସେମାନେ ନିଡଲ ପଏଣ୍ଟ ବ୍ୟାଟର କଣ୍ଟେନର ବ୍ୟବହାର କରନ୍ତି। ଏହି କଣ୍ଟେନର୍ ସାହାଯ୍ୟରେ ସେମାନେ ପ୍ୟାନ୍ କେକ୍ ପେଣ୍ଟିଂର ଆଉଟ୍ ଲାଇନ୍ ତିଆରି କରନ୍ତି। ଏହାପରେ ଆବଶ୍ୟକ ସ୍ଥାନରେ କିଛି ରଙ୍ଗିନ ବ୍ୟାଟର ବା ଆଣ ଭର୍ତ୍ତି କରନ୍ତି। ଶେଷରେ ସମ୍ପୂର୍ଣ୍ଣ ଆର୍ଟର ବ୍ୟାକ୍‌ଗ୍ରାଉଣ୍ଡକୁ ଧଳା ବ୍ୟାଟର୍‌ରେ ଭର୍ତ୍ତି କରିଦିଅନ୍ତି। ପ୍ୟାନ୍ କେକ୍ ଭଲରେ ସିଝି ଗଲାପରେ ଯେତେବେଳେ ତାକୁ ଓଲଟାଯାଏ, ଏକ ସୁନ୍ଦର ପ୍ୟାନ୍ କେକ୍ ଆର୍ଟ ପ୍ରସ୍ତୁତ ହୋଇଯାଇଥାଏ।





# ହାଫ୍ ହ୍ୱିଲ ବାଇସାଇକେଲ



ସାଇକେଲ ଗଡ଼େ ତା'ର ଦୁଇ ଗୋଲାକାର ଚକ ସାହାଯ୍ୟରେ। ଏମିତିକି ଯେକୌଣସି ବାହନ ହେଉ ପଛେ ତାହା ଗୋଲାକାର ଚକ ସାହାଯ୍ୟରେ ହିଁ ଚାଲେ। ଚକର ଗୋଲ ଆକାର ବାହନକୁ ଗଡ଼ିବାରେ ସାହାଯ୍ୟ କରେ। ହେଲେ ସେର୍ଗି ଗୋର୍ଡିଭ୍ ନାମକ ଜଣେ ଇଞ୍ଜିନିୟର ତିଆରି କରିଛନ୍ତି ଏକ ଅଜବ ପ୍ରକାର ସାଇକେଲ। ଏହି ସାଇକେଲର ବିଶେଷତ୍ୱ ହେଉଛି ଯେ, ଏହାର ପଛ ଚକ ଗୋଲାକାର ନୁହେଁ, ବରଂ ଏହା ତିଆରି ହୋଇଛି ଦୁଇଟି ଅର୍ଦ୍ଧ ଗୋଲାକାର ରିୟର ହ୍ୱିଲ ସାହାଯ୍ୟରେ। ଏହି ଦୁଇ ଅର୍ଦ୍ଧଗୋଲାକାର ଚକକୁ କିଛି ଦୂରତା ବ୍ୟବଧାନରେ ସେ ଏଭଳି ଭାବେ ସାଇକେଲରେ ଖଞ୍ଜିଛନ୍ତି ଯେ, ଯାହାକୁ ଦେଖିଲେ ଲାଗିବ ସାଇକେଲ ଆଦୌ ଗଡ଼ୁ ନ ଥିବ। କିନ୍ତୁ ଏଭଳି ଚକ ଲଗାଯାଇଥିଲେ ହେଁ ସାଇକେଲଟି ଚାଲେ। ସେ ପୁଣି ସମାନ୍ତରାଳ ରାସ୍ତା ସହ ଖାଲଢିପ ରାସ୍ତାରେ ବି ଭଲରେ ଯାଇପାରେ। ତେବେ ଏହି ସାଇକେଲକୁ ତିଆରି କରିବା ଲାଗି ତାଙ୍କୁ ଅନେକ ପରିଶ୍ରମ କରିବାକୁ ପଡ଼ିଥିଲା। ଅର୍ଦ୍ଧ ଗୋଲାକାର ଚକକୁ ଏଭଳିଭାବେ ସେଟ୍ କରିବା ଯେମିତିକି ତାହା ଗୋଲାକାର ଚକ ପରି କାମ କରିବ ତାହା ଆଦୌ ସହଜ କଥା ନ ଥିଲା। ତଥାପି ସେ ଏହାକୁ ସଫଳତାର ସହ କରିପାରିଲେ। ଏହାପୂର୍ବରୁ ସେ ଚେନ୍ ନ ଥିବା ସାଇକେଲ ବି ତିଆରି କରିଛନ୍ତି।

